**ସଂକ୍ଷେପରେ**

## ଦୁର୍ଘଟଣାରେ ସ୍ୱେଚ୍ଛାସେବୀ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି,୧।୮ (ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ପଥରପଦା ପଞ୍ଚାୟତ ଦାମୋଦରପୁର ଗ୍ରାମର ନବକିଶୋର ଛୋଟରାୟଙ୍କ ଏକମାତ୍ର ପୁତ୍ର ପରେଶ ଛୋଟରାୟଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପରେଶ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ, ପାଣିକୋଇଲି ବୃଦ୍ଧାଶ୍ରମ(ଶେଷ ପରିଚୟ) ଓ ପାଣିକୋଇଲି ମହୋତ୍ସବ କମିଟି ସଦସ୍ୟ ଥିଲେ। ବୁଧବାର ସନ୍ଧ୍ୟାରେ ସେ ଚାକିରିରେ ଯୋଗଦାନ ନିମନ୍ତେ ବାଇକରେ ବାଲେଶ୍ୱରର ସୋରୋ ଯାଉଥିବାବେଳେ ଭଦ୍ରକର ରାଣୀତାଲ ନିକଟରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ମୃତଦେହକୁ ଭଦଳା ସରକାରୀ ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଦାମୋଦରପୁରସ୍ଥିତ ବାସଭବନକୁ ଅଣାଯାଇଥିଲା। ଖବର ପାଇ ସ୍ଥାନୀୟ ବ୍ୟକ୍ତିତ୍ୱ ଅକ୍ଷୟ ପରିଡ଼ା, ହେଲପିଙ୍ଗ ଗ୍ରୁପ ଓ ଶେଷ ପରିଚୟର ଉପଦେଷ୍ଟା ସୁବାସ ଧଳ, ତାରିଣୀ ପଟ୍ଟନାୟକ, ହେଲପିଂ ଗ୍ରୁପ ସଭାପତି ଅଶୋକ ଦାସ, ସମ୍ପାଦକ ମେଘନାଦ ଜେନା, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ସଦସ୍ୟ ଅଜିତ ସାହୁ, ଶେଷ ପରିଚୟର ଗୋଲଖ ବିହାରୀ ପରିଡ଼ା, ପାଣିକୋଇଲି ମହୋତ୍ସବ କମିଟି ସଭାପତି ରାକେଶ ସାହୁ ସମ୍ପାଦକ, ତାରିଣୀ ପ୍ରସାଦ ରାୟ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡାଇ, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ସୁଧାଂଶୁ ଘଡାଇ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଯାଜପୁର ବାରୁଣୀ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଅକାଳ ମୃତ୍ୟୁରେ ହେଲପିଙ୍ଗ ଗ୍ରୁପ, ଶେଷ ପରିଚୟ ଓ ପାଣିକୋଇଲି ମହୋତ୍ସବ କମିଟିର ସମସ୍ତ ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ସ୍କୁଟି ଆରୋହୀଙ୍କୁ ଧକ୍କାଦେଲେ ଟ୍ରକ୍ ଚାଳକ

**ପାଣିକୋଇଲି,୧।୮ (ବିକାଶ ମଲ୍ଲିକ):** ପାଣିକୋଇଲି ବଜାର ଉପରେ ବୁଧବାର ରାତି ୯ଟା୩୦ରେ ଜଣେ ମଦ୍ୟପ ଗାଡ଼ି ଚାଳକ ଜାଣିଶୁଣି ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇଛନ୍ତି। ସ୍କୁଟି ଆରୋହୀ ଛିଟିକି ପଡ଼ିବାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଯାଜପୁର ରୋଡ୍ ପଟୁ ଆସୁଥିବା ଟ୍ରକ (ଓଡି୨୯ଜେ୦୬୦୮) ପାଣିକୋଇଲି ବଜାର ଅତିକ୍ରମ କରୁଥିବା ବେଳେ ଟ୍ରାଫିକ ହୋମଗାର୍ଡ ଉକ୍ତ ଟ୍ରକ ଚାଳକଙ୍କୁ ଅଟକିବାକୁ ହାତ ଦେଖାଇଥିଲେ। ସେହି ସମୟରେ ଏକ ସ୍କୁଟି ଆରୋହୀ(ଓଡି୩୪ଏନ୨୪୩୪) ରାସ୍ତା ପାର ହେଉଥିଲେ। ହେଲେ ଟ୍ରକ୍ ଚାଳକ ନ ଅଟକି ଆଗକୁ ଅତିକ୍ରମ କରି ଉକ୍ତ ସ୍କୁଟିକୁ ଧକ୍କା ଦେଇଥିଲେ। ପୋଲିସ ଉକ୍ତ ଟ୍ରକକୁ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ମାନପୁର ଓଭରବ୍ରିଜ୍‌ରେ ଟ୍ରାଫିକ ସମସ୍ୟା

### ଦ୍ୱିତୀୟ ବ୍ରିଜ୍ ନିର୍ମାଣରେ ମନ୍ଥରତା

**ଯାଜପୁର,୧।୮ (ହର୍ଷବର୍ଦ୍ଧନ ବେହେରା) :** ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପ ଓ ସୁକିନ୍ଦା ଖଣି ଅଞ୍ଚଳକୁ ଯାଇଥିବା ମୁଖ୍ୟ ରାସ୍ତାର ମାନପୁର ଓଭରବ୍ରିଜ ଉପରେ ନିତିଦିନିଆ ଟ୍ରାଫିକ ସମସ୍ୟା ଯାତ୍ରୀଙ୍କ ପାଇଁ କାଳ ହେଉଛି। ଏହାବାଦ୍ ମାନପୁର ପ୍ରଥମ ଓଭରବ୍ରିଜ ରାସ୍ତାରେ ଖାଲଖମାର ସୃଷ୍ଟି ହେବା ସହ ବିପଦସଙ୍କୁଳ ହୋଇ ପଡ଼ିଛି। ଏହା କେତେବେଳେ ଯେ ଗଳି ପଡିବ ବୋଲି ସେହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ତେବେ ଟ୍ରାଫିକ ସମସ୍ୟାର ସମାଧାନ କରିବାର ଲକ୍ଷ୍ୟ ନେଇ ସରକାର ଦ୍ୱିତୀୟ ବ୍ରିଜର ପରିକଳ୍ପନା କରିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହେଉ ନ ଥିବାରୁ ନିର୍ଦ୍ଧାରିତ ସମୟରେ କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ ଶିଳ୍ପ କାରଖାନାକୁ



ଓଭର ବ୍ରିଜ୍‌ରେ ଟ୍ରାଫିକ୍ ଜାମ୍ ।

ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁସାରେ ୨୦୧୦ରେ ମାନପୁର ରେଲୱେ କ୍ରସିଂ ନିକଟରେ ଏକ ଓଭରବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାରଙ୍କ ରେଳ ବିଭାଗର ଭାଗ ଅଂଶ ନିର୍ମାଣ ସାରିବାର ପ୍ରାୟ ୭ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ କାମ ଆରମ୍ଭ ହୋଇ ନ ଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଏଥିପାଇଁ ୨୬.୨୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ତେବେ ୨୦୧୯ରେ ଏହି ବ୍ରିଜ୍ ଲୋକାର୍ପଣ ହେବା ପରେ ଖଣି, କାରଖାନା ଓ ଅଞ୍ଚଳବାସୀ ରେଲୱେ କ୍ରସିଂର କଷ୍ଟରୁ ଲାଘବ ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ଏହାର ଓଲଟା ହୋଇଛି। ବ୍ରିଜ୍ ଉପରେ ଶତାଧିକ ଗାଡି ଅଟକି ରହୁଥିବାରୁ ଟ୍ରାଫିକ ସମସ୍ୟା ନିତିଦିନିଆ ହେଉଥିବା ଦେଖିବାକୁ ମିଳିଛି। ଏହାବାଦ ଲୋକାର୍ପଣର ୧ ବର୍ଷ ନ ପୁରୁଣୁ ବ୍ରିଜ୍‌ର ବିଭିନ୍ନ ସ୍ଥାନରୁ କଂକ୍ରିଟ ଛାଡି ଲୁହାରଡ ଦିଶୁଥିବା ସହ ବଡ ବଡ ଖାଲ ସୃଷ୍ଟି ହୋଇଛି। ସେହିପରି ମାନପୁର ସୁକିନ୍ଦା ରେଲୱେ ସାଇଡିଂରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାକୁ କଞ୍ଚାମାଲ ପରିବହନ ଯୋଗୁ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଅନ୍ୟପକ୍ଷେ ପୂର୍ତ୍ତ ବିଭାଗ ପକ୍ଷରୁ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣରେ ମନ୍ଥରତା ଯାତ୍ରୀମାନଙ୍କ ପାଇଁ କାଳ ହେଉଛି ବୋଲି ମତପ୍ରକାଶ ପାଇଛି।

# ରାସ୍ତାରେ ଜମୁଛି ବର୍ଷାପାଣି

- ଯାତାୟାତରେ ଅସୁବିଧା
- କାମରେ ଆସୁନି ଡ୍ରେନ୍

**କାଏମା,୧।୮ (ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତିବଜାରଠାରୁ ଜାରକା ବସ୍ ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବର୍ଷା ପାଣି ଜମି ରହୁଛି। ଫଳରେ ଯାତାୟାତରେ ଅନେକ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି। ରାସ୍ତାଟି ୧୬ ନମ୍ବର ଜାତୀୟ ରାଜପଥଠାରୁ ଗୋପବନ୍ଧୁ ଛକ ମଧ୍ୟଦେଇ ଧର୍ମଶାଳା ପୋଲିସ ଷ୍ଟେଶନ ଓ ମେଡିକାଲକୁ ସଂଯୋଗ କରିଛି। ସେହିପରି କାଏମା ପଟରୁ ଧର୍ମଶାଳା ମହାବିଦ୍ୟାଳୟ, ସ୍କୁଲ, ଧର୍ମଶାଳା ବ୍ଲକ, ମିନି ଷ୍ଟାଡିୟମ ସହ ଅନେକ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନକୁ ଏ ରାସ୍ତା ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଶହ ଶହ ଲୋକେ ଏବଂ ଛାତ୍ରୀଛାତ୍ର ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ପାଣି ଜମିବା ସମସ୍ୟା ଏବେକାର ନୁହେଁ ବରଂ ବର୍ଷ ବର୍ଷ ଧରି ଏମିତି ରହି ଆସିଛି। ଗୋପବନ୍ଧୁ ଛକଠାରୁ ଶାନ୍ତି ବଜାର ଛକ ଯାଏ ରାସ୍ତା ନିର୍ମାଣ ସମୟରେ ଏହାର ଏକ ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଡ୍ରେନ ଠିକ ଢ଼ଙ୍ଗରେ କରା ଯାଇନ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହୁଛି। ଏହାଦ୍ୱାରା ବଡ଼ ଗାଡ଼ି ଛିଟିକା ବାଇକ ଆରୋହୀ ଓ ସାଇକଲ ଆରୋହୀଙ୍କ ଉପରେ ପଡୁଥିବାରୁ ଝଗଡ଼ା ହେଉଛି। ଏହାର ଉଭୟ ପାର୍ଶ୍ୱରେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ଥିବାରୁ ଏଠାକୁ ଆସିବାକୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



ଶାନ୍ତିବଜାରଠାରୁ ଜାରକା ବସ୍ ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ବର୍ଷା ପାଣି ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ ଭାଜପା ନେତା

**ବିରଜା ହାଟ ସ୍ଥାନାନ୍ତର ଘଟଣା**

**ଯାଜପୁର ଟାଉନ,୧।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ବିରଜା ହାଟ ସ୍ଥାନାନ୍ତରକୁ ନେଇ ଉଭୟ ଭାଜପା ଓ ବିଜେଡି ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଉଭୟ ଦଳ ସେମାନଙ୍କ ସ୍ଥିତିକୁ ଜାହିର ପାଇଁ ଜୋରଦାର ବଳ ଲଗାଇଛନ୍ତି। ଏହି ଘଟଣାକୁ ଭାଜପା ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରିଛି। ଗୁରୁବାର ଜିଲା ଭାଜପା ସମ୍ପାଦକ ସୁରଜଲାଲ ସାମଲ ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରାଇଛନ୍ତି। ଏହି ଘଟଣା ଅତି ସ୍ପର୍ଶକାତର ହୋଇଥିବାରୁ ଏହାକୁ ସମାଧାନ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଏହାଛଡ଼ା ଯାଜପୁରର ଅଧୁରା ଥିବା କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବା, ଚାଷୀଙ୍କ ବିଭିନ୍ନ ମୌଳିକ ଆବଶ୍ୟକତା ପୂରଣ କରିବା ସହ ଜିଲାରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ଜିଲାର ଯୁବତୀଯୁବକଙ୍କୁ ପ୍ରାଧାନ୍ୟ ଭିତିରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଆଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରି ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଯାଜପୁର ବିରଜା ହାଟ ବହୁ ପୁରାତନ ହୋଇଥିବାବେଳେ ଗତ ଜାନୁଆରୀରେ ହାଟକୁ ସନ୍ଥମାଧବ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ପୂର୍ବତନ



ଯାଜପୁର ଜିଲା ଭାଜପା ସମ୍ପାଦକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଆଲୋଚନା କରୁଛନ୍ତି।

ବିଧାୟକ ପ୍ରଣବ ପ୍ରକାଶ ଦାସ ଚେଷ୍ଟା କରିଥିଲେ। ସେହି ଅନୁସାରେ ଜିଲା ପ୍ରଶାସନ ସନ୍ଥମାଧବଠାରେ ହାଟର ମୌଳିକ ସୁବିଧା ପ୍ରଦାନ କରି ବ୍ୟବସାୟୀ ଓ ଚାଷୀଙ୍କୁ ସେଠାରେ ବସିବା ପାଇଁ ବାଧ୍ୟ କରିଥିଲା ବୋଲି ଅଭିଯୋଗ ହୋଇଆସୁଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ନୂତନ ହାଟରେ ଆସିବା ପାଇଁ ଅମଙ୍ଗ ହୋଇଥିବାବେଳେ ଜିଲା ପ୍ରଶାସନକୁ ବାଧ୍ୟ କରାଯାଇ ପୁରାତନ ହାଟକୁ ଭାଙ୍ଗି ଦିଆଯାଇଥିଲା। ଜିଲା ଭାଜପା ଗତ ନିର୍ବାଚନରେ ହାଟ ସ୍ଥାନାନ୍ତର ପ୍ରସଙ୍ଗକୁ ଇସ୍ୟୁ କରି ଭୋଟ୍ ଭିକ୍ଷା କରିଥିଲା। ସେଥିପାଇଁ ପୁରାତନ ହାଟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଭାଜପାକୁ ସମର୍ଥନ ଜଣାଇଥିଲେ। ଗତ ମଙ୍ଗଳବାର ବିରଜା ଅଗ୍ନେଶ୍ୱର ହାଟ ବ୍ୟବସାୟୀ ସଂଘ ପକ୍ଷରୁ ହାଟକୁ ସେହି ସ୍ଥାନରେ ରଖିବାପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବୁଧବାର ବିଜେଡି ପକ୍ଷରୁ ମା’ ବିରଜା ପର୍ଯ୍ୟଟନ ପ୍ରକଳ୍ପ କରାଯାଉଥିବାବେଳେ ଜମି ଜବରଦଖଲ କରାଯାଉଥିବା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ୭ ଦିନ ମଧ୍ୟରେ ଏକ କମିଟି ଗଠନ କରି ରିପୋର୍ଟ କରିବେ ବୋଲି ଉଭୟଙ୍କୁ କହିବା ପରେ ଭାଜପା ପକ୍ଷରୁ ପୁରାତନ ହାଟକୁ ସେହିଠାରେ ରଖିବା ପାଇଁ ଉଦ୍ୟମ ଜାରିରହିଛି।

## ବିଞ୍ଝାରପୁର ଥାନା ଅଧିକାରୀଙ୍କ ବିରୋଧରେ ଧାରଣା

**ପାଣିକୋଇଲି,୧।୮ (ବିକାଶ ମଲ୍ଲିକ):** ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ସୁରକ୍ଷା ସହ ମିଥ୍ୟା ମାମଲା ରୁଜୁ ନେଇ ଧମକ ପ୍ରତିବାଦରେ ଗୁରୁବାର ବିଞ୍ଝାରପୁର ଥାନା ଅଧିକାରୀଙ୍କ ବିରୋଧରେ ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଅଭିଯୋଗକାରୀ। ବିଞ୍ଝାରପୁର ଥାନା ବାମଦେବପୁର ଗ୍ରାମର ବିକାଶ ଚନ୍ଦ୍ର ଧଳଙ୍କ ଅଭିଯୋଗ ମୁତାବକ, ଗତମାସ ୨୯ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ସୁନା ଗହଣା ସହ ନଗଦ ୫୦ ହଜାର ଟଙ୍କା ଓ ଅନେକ ଆସବାବପତ୍ର ନେଇଯାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଯାହାକୁ ନେଇ ବିକାଶ ପାଣିକୋଇଲିସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଥିଲେ। ପୁନଃ ଥାନା ଅଧିକାରୀଙ୍କୁ ଭେଟିବାକୁ ଆରକ୍ଷୀ ଅଧୀକ୍ଷକ କହିଥିଲେ। କିନ୍ତୁ ବିକାଶ ଥାନାକୁ ଯିବା ପରେ ଉଦ୍ଦେଶ୍ୟମୂଳକଭାବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ତାଙ୍କୁ ମିଥ୍ୟା ମାମଲାରେ ଫସାଇବାର ଧମକ ଦେଇଥିଲା। ତେଣୁ ବିଞ୍ଝାରପୁର ଥାନା ଅଧିକାରୀଙ୍କ ନିଷ୍କ୍ରିୟତା ବିରୋଧରେ ବିକାଶଙ୍କ ସହ ତାଙ୍କ ସପରିବାର ସଦସ୍ୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଥିବା କହିଛନ୍ତି।

# ଧାରଣାଦେଲେ ଜମାକାରୀ

**ବ୍ୟାଙ୍କରୁ ବନ୍ଧକ ସୁନା ହଜିବା ଘଟଣା**

**ବରୀ,୧।୮ (ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଧୀନ ବାଲିଆପାଳ ଇଣ୍ଡିଆନ ବ୍ୟାଙ୍କ ଶାଖାରେ ବନ୍ଧକ ସୁନା ହଜିବା ଘଟଣାକୁ ନେଇ ଆନ୍ଦୋଳନ କରାଯାଇଛି। ସୁନା ବନ୍ଧକ ଦେଇ ଅର୍ଥ ନେଇଥିବା ଜମାକାରୀ ସୁନା ନ ପାଇବାରୁ ବ୍ୟାଙ୍କ୍ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିଯୋଗୁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବରୀ ପୋଲିସ ପହଞ୍ଚି ଶାଖା ଉପପରିଚାଳକ ଓ ଜମକାରୀଙ୍କୁ ଥାନାକୁ ଡାକି ଆଲୋଚନା କରିଛି। ଆଲୋଚନା ଅନୁଯାୟୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହଜିଥିବା ସୁନାର ମୂଲ୍ୟ ବାବଦକୁ ବ୍ୟାଙ୍କରୁ ୧୮ ଲକ୍ଷ ୧୭ ହଜାର ୭ ଶହ ୪ ଟଙ୍କା ଆସିଛି ବୋଲି ସୂଚନା ଦିଆଯାଇଛି। କିନ୍ତୁ ସୁନା ବନ୍ଧକ ରଖିଥିବା ଜମକାରୀ ଯେତିକି ସୁନା ରଖିଥିଲେ ବର୍ତ୍ତମାନ ସେହି ସୁନା ଫେରସ୍ତ କରିବାକୁ ଦାବି କରିଛନ୍ତି। ନଚେତ ବର୍ତ୍ତମାନର ଧାର୍ଯ୍ୟ ମୂଲ୍ୟରେ ଅର୍ଥ ପଇଠ କରିବାକୁ କହିଛନ୍ତି। ଏହା ନ କଲେ ଆଗାମୀ ଦିନରେ ସେମାନେ ବ୍ୟାଙ୍କ୍ ଶାଖାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବେ ବୋଲି ଜମକାରୀ ଚନ୍ଦ୍ରକାନ୍ତି ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ୧୬ ଜଣ ଗ୍ରାହକ ସୁନା ବନ୍ଧକ ରଖି ଟଙ୍କା ନେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୧୨ ଜଣ ଜମାକାରୀ ଋଣ ସୁଝି ସୁନା ନେବାକୁ ଆସିଥିଲେ। ମାତ୍ର ସେତେବେଳକୁ ତାଙ୍କ ସୁନା ହଜିଥିବା ଜାଣିବାକୁ ପାଇଥିଲେ। ଏହାପରେ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଧକ ରଖିଥିବା ସୁନା ଫେରସ୍ତ ପାଇଁ ଧାରଣାରେ ବସିଥିଲେ। ସେତେବେଳେ ଶାଖା ପରିଚାଳକ ଏବଂ ପୋଲିସ ଉପସ୍ଥିତିରେ ଏକ ମାସ ମଧ୍ୟରେ ସେମାନଙ୍କ ସୁନା ଫେରସ୍ତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ଶାଖା ପରିଚାଳକ ବନ୍ଧକ ରଖିଥିବା ସୁନା ଜମାକାରୀଙ୍କୁ ଫେରସ୍ତ ନ କରିବାରୁ ଜମାକାରୀ ପୁଣି ଧାରଣାରେ ବସିଥିଲେ।

# ବିସ୍ଥାପିତ ପରିବାରଙ୍କ କଲ୍ୟାଣ ପାଇଁ ଏନ୍‌ଆଇଏନ୍‌ଏଲ୍ ପ୍ରତିଶ୍ରୁତିବଦ୍ଧ

**ଯାଜପୁର,୧।୮ (ହର୍ଷବର୍ଦ୍ଧନ ବେହେରା) :** ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ) ଏହାର ଆଖପାଖରେ ରହୁଥିବା ବିସ୍ଥାପିତ ଲୋକମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ଅବଦାନକୁ ଗୁରୁତ୍ୱ ଦିଏ । ପ୍ରିୟଜନଙ୍କୁ ହରାଇବା ଭଳି କଠିନ ସମୟରେ ବିସ୍ଥାପିତ ପରିବାରମାନେ ସାମ୍ନା କରୁଥିବା ଆହ୍ୱାନକୁ ଏନ୍‌ଆଇଏନ୍‌ଏଲ କର୍ତ୍ତୃପକ୍ଷ ବୁଝି ପାରିଛନ୍ତି। ରାଜ୍ୟରେ ପ୍ରଚଳିତ ଥିବା ନୀତି ଓ ନିୟମ ଅନୁସାରେ ଉଚିତ ସହଯୋଗ ଓ ବିକାଶ ସୁଯୋଗ ପ୍ରଦାନ କରିବା ସର୍ବଦା ଲକ୍ଷ୍ୟ ରହିଛି ବୋଲି ଏନ୍‌ଆଇଏନ୍‌ଏଲ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେଥିରେ ଆହୁରି ଦର୍ଶାଯାଇଛି , ଏକ ଦାୟିତ୍ୱବାନ ସଂସ୍ଥା ଭାବେ ଏନ୍‌ଆଇଏନଏଲ କାରଖାନା ସ୍ଥାପନ ପରଠାରୁ ଏବଂ ନିକଟରେ ଏନ୍‌ଆଇଏନ୍‌ଏଲ ଏବଂ ଟାଟା ଷ୍ଟିଲ ପରିବାର ଏକାଠି ହେବା ପରେ ବିସ୍ଥାପିତ ପରିବାର ଓ ସ୍ଥାନୀୟ ଜନସାଧାରଣଙ୍କ କଲ୍ୟାଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଆର ଆଣ୍ଡ ଆର୍ (ଥଇଥାନ ଓ ପୁନର୍ବାସ) ନୀତି ଅନୁଯାୟୀ, ମୃତକ କର୍ମଚାରୀଙ୍କ ପରିବାରକୁ ଅନ-ରୋଲ ନିଯୁକ୍ତି ଦେବାର କୌଣସି ବ୍ୟବସ୍ଥା ନାହିଁ। ଟାଟା ଷ୍ଟିଲ ସହିତ ମିଶ୍ରଣ ପୂର୍ବରୁ ଥିବା ଏନ୍‌ଆଇଏନ୍‌ଏଲ ସମୟରେ ଏଭଳି କେତେଜଣ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଯାହାର ନିଷ୍ପତ୍ତି ଆରପିଡିଏସି ବୈଠକ ଆଧାରରେ ପୂର୍ବରୁ ଥିବା କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷ ନେଇଥିଲେ । ପ୍ରଚଳିତ ନୀତି ବାହାରେ ମୃତକଙ୍କ କୌଣସି ସମ୍ପର୍କୀୟଙ୍କୁ ଅନ-ରୋଲ ନିଯୁକ୍ତି ପ୍ରଦାନ କରୁନାହୁଁ । ତେବେ ଆମ ଭେଣ୍ଡର ସହଯୋଗୀଙ୍କ ଜରିଆରେ ଯୋଗ୍ୟତା ସହ ଖାପଖାଉଥିବା ନିଯୁକ୍ତି ସହ ବିସ୍ଥାପିତ ମୃତକ ବ୍ୟକ୍ତିଙ୍କ ଆଗ୍ରହୀ ପରିବାର ସଦସ୍ୟଙ୍କୁ ନିୟୋଜନ ସୁଯୋଗ ପ୍ରଦାନ କରିବାକୁ ଏନ୍‌ଆଇଏନ୍‌ଏଲ ପ୍ରତିବଦ୍ଧ ରହିଛି । ନିଜ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ବୈଷୟିକ ଯୋଗ୍ୟତା ଥିବା ବିସ୍ଥାପିତ ପରିବାରର ବ୍ୟକ୍ତିଙ୍କୁ ଆପ୍ରେଣ୍ଟିସିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆମେ ଉତ୍ସାହିତ କରୁଛୁ ଯାହା ସେମାନଙ୍କୁ ଭବିଷ୍ୟତରେ ନିଯୁକ୍ତି ପାଇବା ଲାଗି ଅଧିକ ଯୋଗ୍ୟ କରିବ । କମନ କରିଡର ପାଇଁ ବିସ୍ଥାପିତ ହୋଇଥିବା ୧୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଯାହା ଦ୍ୱାରା ୮ବର୍ଷ ଧରି ବିଚାରାଧୀନ ରହିଥିବା ଏକ ଦୀର୍ଘଦିନ ସମସ୍ୟାର ସମାଧାନ ହୋଇଛି । ବିସ୍ଥାପିତ ପରିବାର କର୍ମଚାରୀମାନଙ୍କ ସାମଗ୍ରିକ ବିକାଶରେ ସାହାଯ୍ୟ କରିବା ପାଇଁ ଆମେ ‘ଉଡାନ’ ପରି ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ପ୍ରଦାନ ଜାରି ରଖିଛୁ । ଏନ୍‌ଆଇଏନଏଲ୍ ନିୟୋଜିତ ଥିବା ବିସ୍ଥାପିତ ପରିବାରର କର୍ମଚାରୀଙ୍କ ପରିବାର ପିଛା ୨ ଜଣ ପିଲାଙ୍କୁ କଳିଙ୍ଗନଗରସ୍ଥିତ ଲୟୋଲା ସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷା ପ୍ରଦାନ କରାଯାଉଛି । ମାଗଣା ଶିକ୍ଷା ସୁବିଧା ଏବେ ସମସ୍ତ ବିସ୍ଥାପିତ ପରିବାର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଜିଲା ପ୍ରଶାସନ ସହ ସହମତ ହୋଇଥିବା ସର୍ତ୍ତାବଳୀ ଅନୁଯାୟୀ ଡୁବୁରୀସ୍ଥିତ ଟାଟା ଷ୍ଟିଲ ମେଡିକା ହସ୍ପିଟାଲ ଏନ୍‌ଆଇଏନ୍‌ଏଲ ପାଇଁ ବିସ୍ଥାପିତ ହୋଇଥିବା ପରିବାରର ନିକଟ ସମ୍ପର୍କୀୟଙ୍କୁ ମେଡିକାଲ ସୁବିଧା ପ୍ରଦାନ କରାଯିବ ବୋଲି ଉକ୍ତ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି।

# ମା’, ଶିଶୁଙ୍କ ବହୁବିଧ ବିକାଶ ଉପରେ ଗୁରୁତ୍ୱ

**ଭୋଟକାରେ ଜନ ଆରୋଗ୍ୟ ସମିତି ବୈଠକ**

**ରସୁଲପୁର,୧।୮ (ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଜନ ଆରୋଗ୍ୟ ସମିତି(ଜେଏଜେ) ବୈଠକ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମା’ ଓ ଶିଶୁଙ୍କ ବହୁବିଧ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ପଞ୍ଚାୟତରେ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସଂଘମିତ୍ରା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମା’ ଓ ଶିଶୁ ଉଭୟ ସମାଜ ପାଇଁ ରତ୍ନ ସଦୃଶ। ଶିଶୁର ଉଜ୍ଜ୍ୱଳ ଭିବିଷ୍ୟତ ସୁସ୍ଥ ମା’ର ଜୀବନଶୈଳୀ ଉପରେ ନିର୍ଭର କରିଥାଏ। ସେ ଦିଗରେ ପରିବାର ସଦସ୍ୟ ସଚେତନ ହେବା ସହ ସରକାରୀସ୍ତରରେ କାର୍ଯ୍ୟରତ ଅଧିକାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଏହାଛଡା ବର୍ଷାଦିନରେ ପ୍ରାକୃତିକ ପରିବେଶରେ ପରିଷ୍କାର ପରିଛନ୍ନତା, ଖାଲୁଆ ସ୍ଥାନରେ ଜମି ରହୁଥିବା ବର୍ଷା ଓ ନାଳନର୍ଦ୍ଦମା ଅପରିଷ୍କାର ପାଣିର ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଇଛି।



ବୈଠକରେ ଉପସ୍ଥିତ ସରପଞ୍ଚ ଏବଂ ଅନ୍ୟମାନେ ।

ଗଚ୍ଛିତ ଜଳରେ ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଭଳି ରୋଗର ବାହକ ମଶା, ମାଛି ଜନ୍ମ ନିଅନ୍ତି। ସେମାନଙ୍କ ବଂଶ ବୃଦ୍ଧି କରାଇ ନ ଦେବା ଉପରେ ଗୁରୁତ୍ୱ ଦେବା ପାଇଁ ଆଶା, ଅଙ୍ଗନୱାଡି କର୍ମୀମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅଗଷ୍ଟ ୧ ରୁ ୭ ତାରିଖକୁ ସମଗ୍ର ବିଶ୍ୱରେ ସ୍ତନ୍ୟପାନ ଦିବସ ଭାବରେ ପାଳନ କରାଯାଉଛି । ଉକ୍ତ ସପ୍ତାହକୁ ପଂଚାୟତସ୍ତରରେ ପାଳନ କରାଯିବା ସହ ଏକ ସଚେତନତା ଶିବିର ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଶିବିରରେ ପ୍ରସୂତି ମା’ଓ ସ୍ତନ୍ୟପାନ କରୁଥିବା ଶିଶୁଙ୍କୁ ସାମିଲ କରାଯାଇ ସଚେତନ କରାଯିବ। ଏହାଛଡା ସରପଞ୍ଚଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀମାନେ ଗାଁ ବୁଲି ମା’ କ୍ଷୀର ଓ ସ୍ତନ୍ୟପାନର ଉପକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ସ୍ଥିର କରାଯାଇଛି। ବଡ଼ ରମ୍ପେଇ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାସ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।

ବୈଠକରେ ୱାର୍ଡ ସଭ୍ୟା ସୁକାନ୍ତି ସାହୁ, ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା, ଅଙ୍ଗନୱାଡି କର୍ମୀ ନିରୁପମା କର, ରଶ୍ମିତା ସାହୁ, ସବିତା ସାହୁ, ସଞ୍ଜୁବାଳା ମଲିକ, ଜ୍ୟୋସ୍ନା ନାୟକ, ଆଶାକର୍ମୀ ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ପାଣି, ମନସା ମଲିକ, ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରଶନର ସଭାନେତ୍ରୀ ସୁଞ୍ଜୁଲତା ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଏନ୍‌ଏମ ସାବିତ୍ରୀ ସେଠୀ ଧନ୍ୟବାଦ ଦେଇଥିଲେ।

# ସରକାରୀ ସ୍କୁଲରେ ପିଲା କମୁଛନ୍ତି, ବଢୁଛନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ

## ପାରାଦୀପ ଶିକ୍ଷା ବିଭାଗର ବିଚିତ୍ର ନୀତି

ପାରାଦୀପ,୧।୮(ଶରତ ରାଉତ)

ଜଗତ୍‌ସିଂହପୁର ଶିକ୍ଷା ଜିଲାର କୁଜଙ୍ଗ ମଣ୍ଡଳ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କୌଣସି ବିଦ୍ୟାଳୟରେ ବିବାଦ ଉପୁଜିଲେ ବିବାଦୀୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି କରାଯାଉଛି। ଏହି ଆଳ ଦେଖାଇ ବିଭାଗୀୟ ଅଧିକାରୀମାନେ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଥଇଥାନ କରିବାର ସୁଯୋଗ ପାଉଛନ୍ତି।

ଏହାର ସଦ୍ୟତମ ଉଦାହରଣ ପାରାଦୀପ ଅଠରବାଙ୍କୀ ଲପଡା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଗତ ୨୨ ତାରିଖରେ ଉକ୍ତ ବିଦ୍ୟାଳୟର ପିଲାମାନଙ୍କୁ ଶିକ୍ଷୟିତ୍ରୀମାନେ ଏକ୍ସପାଏରୀ ଔଷଧ ଖାଇବା ପାଇଁ ଦେଇଥିଲେ। ଔଷଧ ଖାଇବା ପରେ ୧୬ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। କୁଜଙ୍ଗ ବିଇଓ (ବ୍ଲକ ଶିକ୍ଷା ଅଧିକାରୀ)ମନୋଜ କୁମାର ବେହେରା ଏହି ଘଟଣାରେ ଉକ୍ତଦିନ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲ ଓ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିକୁମାରୀ ସ୍ୱାଇଁଙ୍କୁ ନିଲମ୍ବନ କରିବା ସହ ବଦଳି କରିଥିଲେ। ଲକ୍‌ପଡା ସ୍କୁଲରେ ୯୮ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଶିକ୍ଷୟିତ୍ରୀ ଥିଲେ। ୨ ଜଣଙ୍କ ବଦଳି ଓ ନିଲମ୍ବନ ପରେ ଆଉ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେଠାରେ ଥଇଥାନ କରାଯାଇଛି। ସେମାନେ ହେଲେ ବାଲିଝରା ଠାରେ ଥିବା ଘୋଲାପଡା ସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ବିନ୍ଧାଣି ଓ କୁଜଙ୍ଗ ବ୍ଲକ ପୁରପାଟଣା ସ୍କୁଲର ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ। ବିନ୍ଧାଣି ଅତିରିକ୍ତ ଦାୟିତ୍ୱରେ ରହିଥିବା ବେଳେ ସୁମିତ୍ରାଙ୍କୁ ବ୍ଲକରୁ ଆଣି ପୌରାଞ୍ଚଳରେ ଥଇଥାନ କରାଯାଇଛି ବୋଲି ଅଭିଯୋଗ ହେଉଛି। କାରଣ ପାରାଦୀପ ପୌରାଞ୍ଚଳରେ ଥିବା ୧୩ଟି ସରକାରୀ ସ୍କୁଲରେ ଚଳିତ ଶିକ୍ଷା ବର୍ଷ ସୁଦ୍ଧା ପ୍ରାୟ୧୩ ରୁ ୧୫ ଜଣ ଶିକ୍ଷୟିତ୍ରୀ ଅଧିକ ରହିଛନ୍ତି। ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟ (ଚିଠି ନଂ ୧୯୧୭/୨୧।୧୧।୨୩) ଅନୁଯାୟୀ ଏସବୁ ସ୍କୁଲରେ ପିଲାଙ୍କ ସଂଖ୍ୟା ୨୩୧୫ ହୋଇଥିବାବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକ ସଂଖ୍ୟା ୮୨। ଚଳିତ ବର୍ଷ ପିଲାଙ୍କ ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନ ତାଲିକା ଅନୁସାରେ ପିଲାଙ୍କ ସଂଖ୍ୟା ୧୭୭୫ ଥିବା ଜଣାପଡ଼ିଛି। ଏମିତି ଅନେକ ବ୍ୟତିକ୍ରମ ତଥ୍ୟ ରହିଛି। ପିଲାଙ୍କ ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି (ରେସନାଇଜେଶନ)୨୦୧୮ରୁ ହୋଇନାହିଁ। ତେବେ ଅଧିକାଂଶ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଡେପୁଟେଶନ ଜରିଆରେ ଥଇଥାନ କରାଯାଇଛି।

ଅନ୍ୟ ଏକ ପ୍ରସଙ୍ଗ ହେଲା, କୁଜଙ୍ଗ ଶିକ୍ଷା ମଣ୍ଡଳ ମଧ୍ୟରେ ୨୦୧୯ ରୁ ୨୦୨୩ମଧ୍ୟରେ ୧୮ ଟି ସରକାରୀ ସ୍କୁଲ ବନ୍ଦ ହୋଇଛି। ସରକାରଙ୍କ ମିଶ୍ରଣ ନୀତି (ମର୍ଜର)ଅନୁସାରେ ସମ୍ପୃକ୍ତ ବନ୍ଦ ହୋଇଥିବା ସ୍କୁଲ ନିକଟରେ ଥିବା ସାଟେଲାଇଟ ସ୍କୁଲରେ ମିଶ୍ରଣ ହେବ। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ସମସ୍ତ ଆସବାବପତ୍ର ସଂପୃକ୍ତ ସାଟେଲାଇଟ ସ୍କୁଲରେ ସାମିଲ ହେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ବିଜ୍ଞପ୍ତି ନଂ ୧୦୪୪୨/୧୭।୫।୨୦୧୮) ର ୨୫ ପୃଷ୍ଠା ନିୟମାବଳୀରେ ତାହା ଉଲ୍ଲେଖ ଅଛି। ଉକ୍ତ ବିଜ୍ଞପ୍ତି ଆଧାରରେ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଚିଠି(ନଂ ୪୮୮୨,୧୦।୪।୨୦୧୯)ଅନୁସାରେ ଯେଉଁଠି ୨୦ରୁ କମ୍ ପିଲା ଥିବେ ସେହି ସ୍କୁଲ ବନ୍ଦ କରାଯାଇ ପାଖରେ ଥିବା ସ୍କୁଲରେ ମିଶ୍ରଣ ହେବ। ଉପରୋକ୍ତ ୨ ଚିଠିକୁ ଆଧାର କରି କୁଜଙ୍ଗ ଶିକ୍ଷା ମଣ୍ଡଳ ଅଧିକାରୀ (ବିଇଓ)କାର୍ଯ୍ୟାଳୟ ୧୯ ସ୍କୁଲ ମିଶ୍ରଣ (ଚିଠି ନଂ ୧୦୭୯)କରିଛନ୍ତି। କିନ୍ତୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଡେପୁଟେଶନ ଜରିଆରେ ଇଚ୍ଛା ମୁତାବକ ସ୍କୁଲରେ ଥଇଥାନ କରାଯାଇଛି ବୋଲି ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ପଟେ ପିଲାଙ୍କ ତୁଳନାରେ ଶିକ୍ଷକ ଚୟନ ହୋଇନାହିଁ, ଅପରପକ୍ଷେ ମିଶ୍ରଣ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡେପୁଟେସନ କରାଯାଉଛି। ଏନେଇ ଏକାଧିକ ସ୍କୁଲରେ ବିବାଦ ହୋଇଛି। କାଠଗଡା ସ୍କୁଲ ବନ୍ଦ କରି ପିତାମ୍ବରପୁର ସ୍କୁଲରେ ମିଶ୍ରଣ ହେବା ଯୋଗୁ ସେଠାରେ ୮ ଦିନ ଧରି ଧାରଣା ତାଲା ପକାଇବା ଭଳି ଘଟଣା ହୋଇଥିଲା। ପାରାଦୀପର ଅଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଥିବା ବେଳେ ପୁଣି ବ୍ଲକରୁ ଆଣିବା ପଛରେ ଭିନ୍ନ ସ୍ୱାର୍ଥ ଥିବା ଜଣାଯାଏ। ଅଧିକାଂଶ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ପାରାଦୀପ ବନ୍ଦର, ବ୍ୟାଙ୍କ ଓ କମ୍ପାନୀ କର୍ମଚାରୀ ଅଛନ୍ତି। ବିଭାଗର ଗଳାବାଟ ଦେଇ ଏସବୁ ଚାଲିଛି ବୋଲି ଅଭିଯୋଗ ହୁଏ। ଏ ସମ୍ପର୍କରେ ବିଇଓ ବେହେରା ଓ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ଏକାଧିକବାର ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିନାହିଁ।

# ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବର୍ଷା



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଟାଇଲ୍‌ଗୁଡ଼ିକୁ ସିଧା କରାଯାଉଛି।

ରଘୁନାଥପୁର,୧।୮(ରାଜେନ୍ଦ୍ର ନାରାୟଣ ସିଂହ)

## ଗୋରେଖନାଥ ପୀଠ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ସରକାରୀ ଅନୁଦାନରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଏଥିରେ ବର୍ଷା ବାଧକ ସାଜିଛି। ସୂଚନାଯୋଗ୍ୟ, ଶ୍ରାବଣରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ ଟାଇଲବିଛା କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ବିଳମ୍ବ ହେଉଥିବାରୁ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ପୀଠରେ ଡ୍ରେନେଜ ସିଷ୍ଟମ, ଜାଆଁବାଳ ଗୃହ ଓ ଜୋତାଷ୍ଟାଣ୍ଡ ଆଦି ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ୧୫ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିବାରୁ ବାକିଥିବା ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି ଆର୍ ଆଣ୍ଡ ବି ଯନ୍ତ୍ରୀ ବିନୟ କୁମାର ସାହୁ କହିଛନ୍ତି। ଏହାଛଡା କାଉଡ଼ିଆଙ୍କ ଜଳ ଲାଗି ନିମନ୍ତେ ପୀଠ ପରିସରରେ ବ୍ୟାରିକେଡ୍ ବନ୍ଧା ଯାଇଥିବାରୁ ଚଟାଣ ଫ୍ଲୋରିଂ କାର୍ଯ୍ୟ କରିବା ସମ୍ଭବ ନୁହେଁ। ତେବେ ପୀଠ ପରିସରରେ ଭକ୍ତଙ୍କ ଆତଯାତକୁ ଦୃଷ୍ଟିରେ ରଖି ଅଧାପନ୍ତରିଆ ଭାବେ ପଡିଥିବା ଟାଇଲ ସ୍ଥାନକୁ ସମାନ କରିଦିଆଯାଇଛି। ଯେପରି କୌଣସି ବ୍ୟକ୍ତି ଝୁଣ୍ଟି ଅସୁବିଧାରେ ପଡିବେ ନାହିଁ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ବର୍ଷା ଛାଡିବା ମାତ୍ରେ ଉପରୋକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଯନ୍ତ୍ରୀ ସାହୁ ପ୍ରକାଶ କରିଛନ୍ତି।

# ଝାଡ଼ାବାନ୍ତିରେ ୨ ଶ୍ରମିକଙ୍କ ମୃତ୍ୟୁ

ରାଜନଗର, ୧।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ମହୁଲିଆ ପଞ୍ଚାୟତ ମାନପଡ଼ା ଓ ବେଲପାଳକୁ ମୟୂରଭଞ୍ଜ ଜିଲାରୁ ଚାଷ ଜମିରେ କାମ କରିବାକୁ ଆସିଥିବା ୩ଜଣ ଶ୍ରମିକ ଗୁରୁବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ରାତିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଶ୍ରମିକ ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ମୃତକମାନେ ହେଲେ ବାରିପଦାର ବାହାଦୁରପୁରର ବଂଶୀଧର କାଳନ୍ଦୀଙ୍କ ସ୍ତ୍ରୀ ସରସ୍ୱତୀ(୪୫) ଓ କେଲୁଝାଟିଆ ବେତନଟୀର ଅଜିତ ଦେହୁରୀ(୫୦)। ବିଲରେ କାମ କରୁଥିବା ବେଳେ ସରସ୍ୱତୀ ଓ ଅଜିତ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ। ଡାକ୍ତରଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ସେମାନେ କ'ଣ ଖାଇବାରୁ ଝାଡ଼ାବାନ୍ତି ହେଲା ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

# ମେଗା ପ୍ରକଳ୍ପ ପାଇଁ ରାସ୍ତା ଖୋଳିଦେଲେ, ମରାମତି କଲେନି

- ଅସୁବିଧା ଭୋଗୁଛନ୍ତି ୧୦ ପଞ୍ଚାୟତବାସୀ
- ଲଗାଣ ବର୍ଷା ଯୋଗୁ ରାସ୍ତା ଅବସ୍ଥା ବେହାଲ

ରଘୁନାଥପୁର,୧।୮(ରାଜେନ୍ଦ୍ର ନାରାୟଣ ସିଂହ)



ଦୋଳମଣ୍ଡପ ଛକ ନିକଟରୁ ଚମାର ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।

ଜଗତ୍‌ସିଂହପୁର ଜିଲା ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତ ମଧ୍ୟରୁ ୧୦ ପଞ୍ଚାୟତରେ ସରକାରଙ୍କ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ପାଇଥିବା ଠିକା କମ୍ପାନୀ ପାନୀୟଜଳ ପାଇପ୍ ବିଛା ପାଇଁ ରାସ୍ତାଗୁଡିକୁ ଜେସିବି ମେଶିନ ଦ୍ୱାରା ଖୋଳି ପକାଇଛି। ଫଳରେ ୧୦ ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷାଯୋଗୁ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି। ବହୁ କୋଟି ଟଙ୍କା ଖର୍ଚ୍ଚକରି ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ଗମନାଗମନ ସୁବିଧାପାଇଁ ରାସ୍ତାଗୁଡିକୁ ସୁଦୃଢ଼ୀକରଣ କରିଚାଲିଥିବାବେଳେ ଠିକା କମ୍ପାନୀ ଢଳେଇ ରାସ୍ତାଗୁଡିକୁ ଖୋଳି ଛାରଖାର କରିପକାଇଛି। ଏନେଇ ରାସ୍ତାଗୁଡ଼ିକ ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ପାଇପ୍ ବିଛା କାର୍ଯ୍ୟ ୩ ମାସ ପୂର୍ବରୁ ସରିଥିଲେ ମଧ୍ୟ ଭାଙ୍ଗିଥିବା ଢଳେଇ ରାସ୍ତାକୁ ପୁନର୍ବାର ନିର୍ମାଣ କରାଯାଇ ନାହିଁ। ଖୋଳା ଯାଇଥିବା ମାଟିକୁ ମେଶିନ ଦ୍ୱାରା ଦାବିଦେଇ ସମ୍ପୃକ୍ତ ଠିକା କମ୍ପାନୀ ଚୁପ ବସିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ଖରିଫ ଋତୁରେ ଧାନଚାଷ ପାଇଁ ବିଲକୁ ଟ୍ରାକ୍ଟରଟିଏ ମଧ୍ୟ ଯାଇପାରୁନାହିଁ। ରେଡୁଆ ପଞ୍ଚାୟତ ଅନ୍ତର୍ଗତ ଦୋଳମଣ୍ଡପ ଛକ ନିକଟରୁ ଚମାର ଛକକୁ ପଡିଥିବା ରାସ୍ତାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠି ରହୁଥିବା ୪୦ ପରିବାର ରାସ୍ତା ଯୋଗୁ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ଏହାଛଡା ଖୋଳାଯାଇଥିବା ରାସ୍ତା ପାର୍ଶ୍ୱରେ ଏକ ପୋଖରୀ ଥିବାରୁ ଉକ୍ତ ସ୍ଥାନରେ ପାଣିଜମି ରାସ୍ତା ଭୁଶୁଡିବା ଅବସ୍ଥାକୁ ଆସିଲାଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଭଗବାନ ହଜାରୀ, ରବୀନ୍ଦ୍ର ନାଥ ବିଶ୍ୱାଳ, ଭଗବାନ ଖୁଣ୍ଟିଆ, ଅମୂଲ୍ୟ ସାମଲ, ମହେନ୍ଦ୍ର ନାଥ ଜେନା, ହରିଶ୍ଚନ୍ଦ୍ର ହଜାରୀ, ରମେଶ ଦଳାଇ, ନରେନ୍ଦ୍ର ହଜାରୀ, ପୀତାମ୍ବର ଖୁଣ୍ଟିଆ, ସୁଶାନ୍ତ ବିଶ୍ୱାଳଙ୍କ ସମେତ ୧୦ ଗୋଟି ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି। ପଡିଥିବା ପାଇପଲାଇନରେ ପାଣି ଟେଷ୍ଟ କରାଯିବା ଏବଂ ଘରୋଇ କନେକ୍ସନ ବାକିଥିବାରୁ ରାସ୍ତାକୁ ଢଳେଇ କରାଯାଇନାହିଁ।

ତେବେ ଖୋଳାଯାଇଥିବା ସ୍ଥାନରେ ଡଷ୍ଟ ପକାଯାଇ ଲୋକଙ୍କ ଯାତାୟାତ ଉପଯୋଗୀ କରିବା ପାଇଁ ଠିକା କମ୍ପାନୀକୁ କୁହାଯାଇଛି ବୋଲି ଅଧିକ୍ଷଣ ଯନ୍ତ୍ରୀ କିଶୋର କୁମାର କବି ପ୍ରକାଶ କରିଛନ୍ତି।

# ଗାଦି ମାଡ଼ି ବସିଛନ୍ତି ମହିଳା ମଞ୍ଚ, ମହାସଂଘ କର୍ମକର୍ତ୍ତା

- ପୁନର୍ଗଠନ ନିୟମକୁ ଉପେକ୍ଷା
- ରଘୁନାଥପୁର ବ୍ଲକ ମିଶନ ଶକ୍ତି ନିକଟରେ ଅଭିଯୋଗ

ରଘୁନାଥପୁର,୧।୮(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ମିଶନ ଶକ୍ତି ଅଧୀନରେ ୧୫୧ ଆଞ୍ଚଳିକ ମଞ୍ଚ ଓ ୧୯ଟି ପଞ୍ଚାୟତସ୍ତରୀୟ ମହିଳା ସଂଘ ରହିଛି। ପ୍ରତି ୨ ବର୍ଷରେ ଥରେ ଆଞ୍ଚଳିକ ମଞ୍ଚ ଓ ପଞ୍ଚାୟତସ୍ତରୀୟ ମହିଳା ସଂଘର ପୁନର୍ଗଠନ ହେବାର ନିୟମ ରହିଛି। ମାତ୍ର ଏହାକୁ ପାଳନ କରାଯାଉ ନାହିଁ। ଗତ ୨୦୨୧ରୁ ଆରମ୍ଭ ହୋଇଥିବା ମଞ୍ଚ ଓ ସଂଘର କର୍ମକର୍ତ୍ତା ଏବଂ ଇସି (ଏକ୍‌ଜିକ୍ୟୁଟିଭ କମିଟି )ମେମ୍ବରମାନେ ଏହି ନିୟମକୁ ଉପେକ୍ଷା କରି ନିଜର ସ୍ୱାର୍ଥ ହାସଲ ପାଇଁ ଗାଦି ମାଡି ବସିଥିବା ଅଭିଯୋଗ ହୋଇଛି। ଫଳରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଅନ୍ୟ ସଦସ୍ୟମାନେ ଏଥିରୁ ବଞ୍ଚିତ ହେଉଛନ୍ତି।

ସୂଚନାଯୋଗ୍ୟ,ମିଶନ ଶକ୍ତି ଜରିଆରେ ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି। ସେମାନଙ୍କ ଭିତରେ ସମନ୍ୱୟ ଓ ଶୃଙ୍ଖଳା ରକ୍ଷା ପାଇଁ ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି((ସ୍ୱୟଂ ସହାୟକା ଗୋଷ୍ଠୀ)ଙ୍କୁ ନେଇ ଆଞ୍ଚଳିକ ମଞ୍ଚ ଓ ସେମାନଙ୍କ ମଧ୍ୟରୁ ଗ୍ରାମପଞ୍ଚାୟତସ୍ତରୀୟ ମହିଳା ସଂଘ ଗଠନ କରାଯାଇଛି। ଏଥିରେ ସଭାପତି, ସମ୍ପାଦକଙ୍କ ସମେତ ଇସି ମେମ୍ବର ରହିଛନ୍ତି। ଗତ ୨୦୨୨ରୁ ଇସି ମେମ୍ବରମାନେ ବିଭିନ୍ନ ମିଟିଂ ଓ ଗସ୍ତଖର୍ଚ୍ଚ ବାବଦରେ ୧୦୦୦ ଟଙ୍କା ପାଉଛନ୍ତି। ସେହିପରି ସଂଘ ସଭାପତି ଓ କର୍ମକର୍ତ୍ତାମାନେ ୨୦୦୦ ଟଙ୍କା ପାଇଥାନ୍ତି। ଏହା ମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ପୁନର୍ଗଠନ ପ୍ରକ୍ରିୟାକୁ ଅଣଦେଖା କରାଯାଇଛି ବୋଲି ତରିକୁନ୍ଦ, ଛପଡା, ଏରଡଙ୍ଗା ଓ ରେଡୁଆ ପଞ୍ଚାୟତର ବହୁ ମହିଳା ବ୍ଲକ ମିଶନ ଶକ୍ତି ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପଦପଦବୀରେ ଥିବା ମଞ୍ଚ ଓ ସଂଘର କର୍ମକର୍ତ୍ତାମାନେ ଏକଚ୍ଛତ୍ରବାଦ ଚଳାଉଥିବା ନେଇ ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ୧୯ ପଞ୍ଚାୟତ ମହିଳା ସଂଘକୁ ନେଇ ଗଠିତ ହୋଇଥିବା ବ୍ଲକସ୍ତରୀୟ ମହିଳା ମହାସଂଘ ମଧ୍ୟ ଦୀର୍ଘ ବର୍ଷ ଧରି ପୁନର୍ଗଠନ ହୋଇନାହିଁ। ଏନେଇ ମହାସଂଘର ସଦସ୍ୟାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୁନର୍ଗଠନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବ୍ଲକ ମିଶନ ଶକ୍ତି ବିପିସି ସ୍ନେହପ୍ରିୟା ସ୍ୱାଇଁ ଏବଂ ଓଏଲ୍‌ଏମ୍ ବିପିଏମ୍ ଲିପିକା ଷଡ଼ଙ୍ଗୀ କୁହନ୍ତି, ପ୍ରତି ୨ ବର୍ଷରେ ଏସ୍‌ଏଚ୍‌ଜି, ମହିଳା ମଞ୍ଚ ଓ ପଞ୍ଚାୟତସ୍ତରୀୟ ସଂଘର ପୁନର୍ଗଠନ ପାଇଁ ନିୟମ ରହିଛି। ଏଥିପାଇଁ ସେମାନଙ୍କୁ ପ୍ରତ୍ୟେକ ମିଟିଂରେ ସଚେତନ ମଧ୍ୟ କରାଯାଇଛି। ପୁନର୍ଗଠନ ପ୍ରକ୍ରିୟା ସେମାନଙ୍କ ଉପରେନ୍ୟସ୍ତ ବୋଲି ଅଧିକାରିଣୀ ଦ୍ୱୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜିଲାପାଳ, ମିଶନ ଶକ୍ତି ବିଭାଗ ସେକ୍ରେଟାରୀ ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବାକୁ ମହିଳାମାନଙ୍କ ପକ୍ଷରୁ ଦାବି ହୋଇଛି।

# ୧୫ ଛେଳି ଚୋରି: ଥାନାରେ ଅଭିଯୋଗ

ନାଉଗାଁ,୧।୮(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଅଙ୍ଗେଶ୍ୱରପଡ଼ାରେ ଛେଳି ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗ୍ରାମର ସୁଧୀର ଲେଙ୍କାଙ୍କ ଅଭିଯୋଗ ମୁତାବକ, ବୁଧବାର ରାତିରେ କୌଣସି ଦୁର୍ବୃତ୍ତ ତାଙ୍କ ଛେଳି ଗୁହାଳର ଗ୍ରୀଲ୍ ଭାଙ୍ଗି ୧୫ଟି ବଡ଼ ଛେଳି ଚୋରି କରିନେଇଛନ୍ତି। ଏଥିସହ ୨ଟା ଛୋଟ ଛେଳି ଛୁଆ ପାଟିରେ ବ୍ଲାକଟେପ୍ ଗୁଡ଼ାଇ ସେଠାରେ ଛାଡ଼ି ପଳାଇଛନ୍ତି। ଅଭିଯୋଗ ପରେ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଏସ୍‌ଆଇ ରଘୁନାଥ ଟୁଡୁ କହିଛନ୍ତି।

# ଅଦା ବିହନ ଯୋଗାଣରେ ଅନିୟମିତତା, ତଦନ୍ତ ଦାବି

ଏରସମା,୧।୮(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଅଦା ବିହନ ଯୋଗାଣରେ ହୋଇଥିବା ଅନିୟମିତତାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ଏରସମା ସମୁଦ୍ର ଉପକୂଳବର୍ତ୍ତୀ ବାଲିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଅଦା ଉତ୍ପାଦନ ଭଲ ହୁଏ। ଏହାକୁ ବିଚାରକୁ ନେଇ ଚଳିତ ବର୍ଷାଋତୁରେ ଅଦା ଚାଷ କରିବା ପାଇଁ ସରକାରଙ୍କ ପକ୍ଷରୁ ୭ କୁଇଣ୍ଟାଲ ଅଦା ବିହନ ଏରସମା ଉଦ୍ୟାନ ବିଭାଗକୁ ଯୋଗାଇ ଦିଆଯାଇଥିଲା। ସରକାରୀ ନିୟମ ଅନୁସାରେ, ଜଣେ ଚାଷୀଙ୍କୁ ୭୦ କିଲୋ ଲେଖାଏଁ ମୋଟ ୧୦ ଜଣ ଚାଷୀଙ୍କୁ ୭ କୁଇଣ୍ଟାଲ ଯୋଗାଇ ଦିଆଯିବା କଥା। ପ୍ରତି ଚାଷୀ ଆବଶ୍ୟକ କାଗଜପତ୍ର ସହ ୭୦ କିଲୋ ଅଦା ବିହନର ସରକାରୀ ମୂଲ୍ୟ ବାବଦରେ ୪୭୯୫ ଟଙ୍କା ଦାଖଲ କରିବା ପାଇଁ ଧାର୍ଯ୍ୟ ହୋଇଛି।

ମାତ୍ର ପରିତାପର ବିଷୟ, ଏହି ବ୍ଲକର କୁଞ୍ଜକୋଠୀ, ବାଲିତୁଠ, ଗଡ଼କୁଜଙ୍ଗ, ଚଟୁଆ, ନାରଦିଆ ପଞ୍ଚାୟତର ଚାଷୀଙ୍କୁ ଅଦା ବିହନ ଯୋଗାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ଏରସମା ସଚେତନ ନାଗରିକ ମଞ୍ଚର ସଭାପତି ପ୍ରବୀର ପଣ୍ଡା ଓ ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ପ୍ରସନ୍ନ କୁମାର କୁଅଁର ଅଭିଯୋଗ କରିଛନ୍ତି। ଅପରପକ୍ଷେ ଉଦ୍ୟାନ ବିଭାଗର ନିଜସ୍ୱ ଗଚ୍ଛିତ ଗୃହ କାର୍ଯ୍ୟକାରୀ ହୋଇ ନ ଥିବାରୁ ଅଦା ବିହନକୁ ଏକ ଶଟର ଲାଗିଥିବା ଘରେ ରଖାଯାଇଥିଲା। ଚାଷୀଙ୍କୁ ଏହା ନିର୍ଦ୍ଧାରିତ ସମୟରେ ଦିଆଯାଇପାରିନଥିଲା। ଫଳରେ ବସ୍ତାରେ ରହିଥିବା ଅର୍ଦ୍ଧାଧିକ ଅଦା ବିହନ ପଚିଯାଇଛି ବୋଲି ଜଣେ ଚାଷୀ ନାମ ଗୁପ୍ତ ରଖି କହିଛନ୍ତି। କେତେଜଣ ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ କାର୍ଯ୍ୟରେ ଅନିୟମିତତା ଯୋଗୁ ଉପକୂଳ ଅଞ୍ଚଳରେ ଅଦା ଉତ୍ପାଦନ ସଫଳ ରୂପାୟନ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ତଦନ୍ତ କରିବାକୁ ସଚେତନ ନାଗରିକ ମଞ୍ଚର ସଭାପତି ପଣ୍ଡା ଓ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା କୁଅଁର ଦାବି କରିଛନ୍ତି। ନଚେତ ସେମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏରସମା ବ୍ଲକ ଉଦ୍ୟାନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ବସନ୍ତ କୁମାର ଦାସଙ୍କୁ ପଚାରିବାରେ ଆମେ ପ୍ରତି ଚାଷୀଙ୍କୁ ୭୦ କିଗ୍ରା ଲେଖାଏଁ ଅଦା ବିହନ ଦେଇଛୁ । ଏ ସମ୍ପର୍କରେ ଜିଲା ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ କୁହନ୍ତି, ସରକାରୀ ନିୟମାନୁସାରେ ଚାଷୀଙ୍କୁ ଯାହା ଯୋଗାଇ ଦିଆଯିବା କଥା ତାହା ଯଥା ସମୟରେ ପ୍ରଦାନ କରାଯାଇଛି।

# ଶିକ୍ଷାଦାନ ସମୟରେ ସମ୍ବର୍ଦ୍ଧନା ସଭା, ପିଲାଙ୍କ ପାଠପଢ଼ା ଠପ୍



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

ନାଉଗାଁ,୧।୮(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିଯୋଗୁ ଗୋଟିଏ ଦିନ ପିଲାଙ୍କ ପାଠପଢା ଏକରକମ ଠପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ନିୟମାନୁସାରେ ବିଦ୍ୟାଳୟରେ ଯଦି ପାଠପଢା ସମୟରେ ଅନ୍ୟ କୋଣସି କାର୍ଯ୍ୟ କରିବା ପାଇଁ ସ୍ଥିର କରାଯିବ, ସେ ପ୍ରସଙ୍ଗରେ ଉପରିସ୍ଥ ଅଧିକାରୀଙ୍କ ଅନୁମତି ଲୋଡାଯିବ। ଏତଦ୍‌ବ୍ୟତୀତ ସମ୍ବର୍ଦ୍ଧନା ସଭା ଆଦି ଆୟୋଜନ କରାଗଲେ ଖେଳ ଛୁଟି ପରେ ଉକ୍ତ ସଭାର ଆୟୋଜନ କରାଯିବା କଥା। ଏହା ଦ୍ୱାରା ପିଲାଙ୍କ ପାଠ ପଢାରେ କୌଣସି ବାଧା ଉପୁଜିବ ନାହିଁ। କିନ୍ତୁ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପାଇଁ ଜିଲା ଶିକ୍ଷାଧିକାରୀ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଲିଖିତ ଅନୁମତି ଅଣାଯାଇ ନ ଥିବା ଜଣାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ସ୍ୱାଇଁଙ୍କ କହିବା ମୁତାବକ ମୌଖିକ ଭାବେ ଆମେ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲୁ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୌଖିକ ଭାବେ କହି କିପରି ଗୋଟିଏ ଦିନ ପାଠ ପଢା ବାତିଲ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଷୟରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୈଳାସ ପାଢୀଙ୍କୁ ପଚାରିବାରେ ବିଦ୍ୟାଳୟର ପାଠପଢା ସମୟରେ ସମ୍ବର୍ଦ୍ଧନା ସଭା କରାଯାଇ ପାରିବ ନାହିଁ। ପାଠପଢା ପରେ ଉକ୍ତ ସଭାର ଆୟୋଜନ କରାଯାଇ ପାରିବ ବୋଲି କହିଥିଲେ।

# ନଦୀବନ୍ଧ ମରାମତି, ଅତ୍ୟାବଶ୍ୟକ ସେବା ଯୋଗାଣକୁ ଗୁରୁତ୍ୱ

ଜଗତ୍‌ସିଂହପୁର, ୧।୮ (ପ୍ରମୋଦ କୁମାର ନାୟକ)

ଜିଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ୟା ପୂର୍ବରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ତା'ଉପରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଭାରପ୍ରାପ୍ତ ଜିଲାପାଳ ସମ୍ବିତ କୁମାର ରାଉତ ପୌରୋହିତ୍ୟ କରିଥିଲେ। ଜିଲାର ପ୍ରତି ବ୍ଲକର ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀମାନେ ଆଲୋଚନାରେ ସାମିଲ ହୋଇଥିଲେ। ଏହି ବୈଠକ କେବଳ ଔପଚାରିକତା ପାଇଁ ବୋଲି ସାଧାରଣରେ ଆଲୋଚନା ହେଉଛି। ବାସ୍ତବରେ ବନ୍ୟା ପୂର୍ବରୁ ଯାହା ସବୁ ପଦକ୍ଷେପ ନିଆଯିବାର ଥିଲା ତାହା କରାଯାଇନାହିଁ। ବଡ କଥା ହେଲା ନଦୀଗୁଡ଼ିକରୁ ଦିନ ଦ୍ୱି ପ୍ରହରରେ ମନଇଚ୍ଛା ବାଲି ଚୋରା ଚାଲାଣ ଚାଲିଥିଲା। ମହାନଦୀ, ଦେବୀ ଆଦି ନଦୀରୁ ପ୍ରତ୍ୟହ ବନ୍ଧ ଦେଇ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେବାଦ୍ୱାରା କେବଳ ସରକାର ରାଜସ୍ୱ ହରାଉନାହାନ୍ତି ନଦୀ ବନ୍ଧ ରାସ୍ତା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏବେ ବର୍ଷା ଦିନ ଆସିଥିବାରୁ ଏସବୁ ନଦୀ ବନ୍ଧ ବିପଦସଙ୍କୁଳ ହୋଇପଡ଼ିଛି। ଏହାଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଏକାଧିକ ସ୍ଥାନରେ ଅର୍ଥାତ୍ ଦେବୀ ନଦୀର ଗଳଧାରୀ, ଏରଡ଼ା, ଆଳିପିଙ୍ଗଳ, ନିଆଳି ତହସିଲ ଅନ୍ତର୍ଗତ ନାଟୀ, କେତକେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଘାଇ ହୋଇ ବ୍ୟାପକ ଧନଜୀବନ ହାନି ହେବାର ଆଶଙ୍କା ରହିଛି। କିନ୍ତୁ ପ୍ରସ୍ତୁତି ବୈଠକରେ ନଦୀବନ୍ଧ ମରାମତି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏବେ ବର୍ଷା ହେଉଥିବାରୁ ସ୍ଥାୟୀ ମରାମତି ସମ୍ଭବ ନୁହେଁ। କାମଚଳା ମରାମତି ହେବ। ଯାହାକି କେବଳ ଅର୍ଥ ଚଳୁ ପାଇଁ ଉଦ୍ଦିଷ୍ଟ ବୋଲି ଅନେକ ଅଭିଯୋଗରେ କହିଛନ୍ତି। ଏସବୁ ସମସ୍ୟାର କୌଣସି ସ୍ଥାୟୀ ପ୍ରତିକାର କରା ନ ଯାଇ କେବଳ ବୈଠକରେ ସୀମିତ ରହୁଛି।

ବୈଠକ ଅନୁଯାୟୀ ମହାନଦୀରେ ବର୍ଷର ପ୍ରଥମ ବନ୍ୟା ଜଳ ଛଡ଼ାଯାଇଛି। ଏଥିଯୋଗୁ ଜିଲାର ନଦୀଗୁଡ଼ିକରେ ବନ୍ୟାଜଳ ଚାଲିଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଭାରପ୍ରାପ୍ତ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଜିଲାର ବିଭିନ୍ନ କାର୍ଯ୍ୟାଳୟଗୁଡିକରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଠିକ୍ ଭାବେ କାର୍ଯ୍ୟକ୍ଷମ କରିବାକୁ ହେବ। ଦୁର୍ବଳ ନଦୀବନ୍ଧ ସ୍ଥାନକୁ ଚିହ୍ନଟ କରି ତୁରନ୍ତ ମରାମତି କରାଯାଉ। ବନ୍ୟାଜଳ ଅବାଧରେ ପ୍ରବାହିତ କରିବା ପାଇଁ ଡ୍ରେନ୍‌ଗୁଡିକୁ ସଫା କରିବାକୁ ହେବ। ବନ୍ୟା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ, ନଳକୂପଗୁଡ଼ିକର ମରାମତି, ଦୁର୍ଗମ ଅଞ୍ଚଳ ତଥା ବନ୍ୟା ପ୍ଲାବିତ ଅଞ୍ଚଳରେ ଖାଦ୍ୟ ପଦାର୍ଥ ମହଜୁଦ୍, ଶୁଖିଲା ଖାଦ୍ୟ ରଖିବା, ଗୋଖାଦ୍ୟ ମହଜୁଦ, ବୋଟ୍‌ଗୁଡିକୁ ପ୍ରସ୍ତୁତ କରିବା, ବନ୍ୟା ସମୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ଫସଲ ଆଦିର ଆକଳନ କରିବାକୁ କୁହାଯାଇଥିଲା। ସ୍ୱାସ୍ଥ୍ୟ, ମତ୍ସ୍ୟ ଚାଷ ଓ ଉଦ୍ୟାନ କୃଷି ଆଦି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହାବାଦ୍ ବନ୍ୟା ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ଅତ୍ୟାବଶ୍ୟକ ସେବା ଯଥା ବିଦ୍ୟୁତ, ଟେଲିଫୋନ, ଗମନାଗମନ, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ଆବଶ୍ୟକ। ବନ୍ୟା ଦ୍ୱାରା କଚ୍ଚା ଘରଗୁଡିକ କ୍ଷତିଗ୍ରସ୍ତ ହେଲେ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇବା, ଏହି ସମୟରେ ସାପ କାମୁଡ଼ା ଔଷଧ ଯୋଗାଣ ଓ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଲୋକଙ୍କ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ତହସିଲଦାରମାନଙ୍କୁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକଗୁଡିକରେ ସ୍ଥାନୀୟ ଆଇଆଇସି, କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଖସଡା ପ୍ରସ୍ତୁତ କରିବାକୁ ପଡିବ। ବିପର୍ଯ୍ୟୟ ମୁକାବିଲା ଯୋଜନା ପ୍ରସ୍ତୁତ କରି ତଦନୁଯାୟୀ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଔପଚାରିକା ପୂରଣ ପାଇଁ ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ବୈଠକ




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ସମ୍ମିଳନୀ କକ୍ଷରେ ଆୟୋଜିତ ଆଭାସି ବୈଠକ।

# ଅବସର ପରଦିନ ୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେନ୍‌ସନ



ଶିକ୍ଷାମଣ୍ଡଳ ଅଧିକାରୀ ସବିତା ସାହୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ଚଣ୍ଡିଖୋଲ, ୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ୩ ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ୩୧ ଜୁଲାଇରେ ଅବସର ଗ୍ରହଣ କରିଛନ୍ତି। ଏହାର ପରଦିନ ଅର୍ଥାତ୍ ଗୁରୁବାର ବଡ଼ଚଣା ଶିକ୍ଷାମଣ୍ଡଳ ଅଧିକାରୀ ସବିତା ସାହୁ ସେମାନଙ୍କୁ ମଣ୍ଡଳ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ସମ୍ପୂର୍ଣ୍ଣ ପେନସନ ପାଇବାର ସ୍ୱୀକୃତି ପତ୍ର ପ୍ରଦାନ କରିଛନ୍ତି। ସେମାନେ ହେଲେ ମାଣ୍ଡୁକା ୟୁଜିଏମ୍‌ଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାନୁମତୀ ଦେଇ, ଏଣ୍ଡରପଦା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାମୟୀ ଜେନା ଓ ବନ୍ଧପଲ୍ଲି ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ସାହୁ। ଏହା ପାଇବା ପରେ ସମସ୍ତେ ମଣ୍ଡଳ ଶିକ୍ଷାଧିକାରୀଙ୍କ ସହିତ କାର୍ଯ୍ୟାଳୟର କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବଡ଼ଚଣା ଶିକ୍ଷାମଣ୍ଡଳରେ ଏହା ତୃତୀୟ ଥର ପାଇଁ ହୋଇଥିବା ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି।

# ପିଏସ୍‌କେ କଳାପଥର ଖାଦାନ ରାସ୍ତା ଶୋଚନୀୟ

- ବିନା ଟିପିରେ ଚାଲିଛି ପରିବହନ
- ହାଇୱା ଗାଡ଼ି ଅଟକ ରଖିଲେ ଗ୍ରାମବାସୀ

**ଯାଜପୁର, ୧।୮ (ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ଧର୍ମଶାଳା ତହସିଲ ଅଞ୍ଚଳରୁ ହାଇୱା, ଟ୍ରକ, ଟ୍ରାକ୍ଟର ଓଭରଲୋଡିଂ ଅବସ୍ଥାରେ ଚଳାଚଳ ଚାଲିଛି। ଦିନକୁ ୨ ହଜାରରୁ ଊର୍ଦ୍ଧ୍ୱ ବୋଲଡର, ଗେଟି, ଚିପ୍ସ ଆଦି ଓଭରଲୋଡିଂ ଗାଡ଼ି ଚଳାଚଳ କରୁଥିବାରୁ ସେହି ଅଞ୍ଚଳର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ହାଇଦ୍ରାବାଦର ଏକ ଠିକାସଂସ୍ଥା ପିଏସ୍‌କେ ଇନଫ୍ରାଷ୍ଟ୍ରକ୍ଟର ଆଣ୍ଡ ପ୍ରୋଜେକ୍ଟ ପ୍ରାଇଭେଟ ଲିଃକୁ ଜାତୀୟ ରାଜପଥ କାର୍ଯ୍ୟ ପାଇଁ ଅନୁମତି ମିଳିଥିବା ଅଞ୍ଜିରା ୭ ନମ୍ବର କଳାପଥର ଖାଦାନ ଓ ତତ୍ ସଂଲଗ୍ନ କ୍ରଶରରୁ ଓଭରଲୋଡିଂ ଗାଡ଼ି ଚଳାଚଳ ସୀମା ଟପିଛି । ଗୁରୁବାର ଏଠାରୁ ଓଭରଲୋଡିଂ ଏବଂ ବିନା ଟିପି(ଟ୍ରାନ୍‌ଜିଟ ପାସ)ରେ ଗାଡ଼ି ଚଳାଚଳ କରୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକମାନେ ପିଏସ୍‌କେ ସଂସ୍ଥାର ଗାଡ଼ିଗୁଡିକୁ ଅଟକ ରଖି ଗଡମଧୁପୁର ବନାଞ୍ଚଳର ଅଧିକାରୀମାନଙ୍କୁ ହସ୍ତାନ୍ତର କରିଥିଲେ। ଜଙ୍ଗଲ ବିଭାଗ ଗାଡ଼ି ଜବତ କରିଛି । ଅନ୍ୟପକ୍ଷେ ବେଆଇନ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବାଉଁଶଡୋଳ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାଉଁଶଡୋଳ, ଶ୍ୟାମସୁନ୍ଦରପୁର, ବାଲିସାହି, ମୁକୁନ୍ଦପୁର ପ୍ରମୁଖ ଗ୍ରାମବାସୀ ପିଏସ୍‌କେ ସଂସ୍ଥାର ଗାଡ଼ିଗୁଡିକ ଚଳାଚଳ କରୁଥିବା ରାସ୍ତା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ପାଇଁ ଖାଦାନ ଓ କ୍ରଶର ଅନୁମତି ନେଇ ଏହି ସଂସ୍ଥା ରାତିସାରା ୨ଶହରୁ ଊର୍ଦ୍ଧ୍ୱ ଗାଡ଼ି ଚଳାଚଳ କରୁଛି। ଏପରି କି କେନ୍ଦ୍ରାପଡ଼ା, ପାରାଦୀପ, କଟକ ବିଭିନ୍ନ ସ୍ଥାନରେ ଗେଟି ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏହାସହ କ୍ଷମତାରୁ ଅଧିକ ପଥର ବୋଝେଇ ହେଉଥିବାରୁ ସାଧାରଣ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରିଛି । କେବଳ ଟ୍ରକ ଓ ଟ୍ରାକ୍ଟର ଉପରେ ବିଭାଗ ଦାଉ ସାଧୁଥିବାବେଳେ ଓଭରଲୋଡିଂ ହାଇୱା ଗାଡ଼ିକୁ ଛାଡି ଦିଆଯାଉଛି। ଫଳରେ ନିକଟରେ ଥିବା ସ୍କୁଲ ପିଲା ଓ ଗ୍ରାମବାସୀ ବାୟୁ ପ୍ରଦୂଷଣ ସହ ବିପର୍ଯ୍ୟସ୍ତ ରାସ୍ତାର ଫଳ ଭୋଗୁଛନ୍ତି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ, ଚାଲି କି ଯିବା କଷ୍ଟକର ହୋଇ ପଡିଛି। ତେଣୁ ରାସ୍ତାର ଆବଶ୍ୟକ ମରାମତି ସହ ବେଆଇନ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବାକୁ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।



ଓଭରଲୋଡିଂ ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତା ଶୋଚନୀୟ ହୋଇପଡିଛି।

# ଶିକ୍ଷା ସପ୍ତାହ ଉତ୍ସବ ପାଳିତ

**ସିଂହପୁର, ୧।୮ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଦିବସାନୁସାରେ ଶିକ୍ଷଣ ସାମଗ୍ରୀ ଦିବସ, ଏଫ୍‌ଏଲ୍ ଏନ ଦିବସ, କ୍ରୀଡା ଦିବସ, ସାଂସ୍କୃତିକ ଦିବସ, ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ଇକୋ କ୍ଲବ/ବିଦ୍ୟାଳୟ ପୋଷଣ ଦିବସ ଏବଂ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ କରାଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ରାଉଳ ଓ ଅନ୍ୟ ସଭ୍ୟାସଭ୍ୟ ଏବଂ ଅଞ୍ଚଳର ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଞ୍ଜଳି ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ, ସଂସ୍ଥା ଏବଂ ସ୍ୱେଚ୍ଛାସେବୀଙ୍କୁ ବିଦ୍ୟାଳୟ ସହ ସଂଯୋଗ କରାଯାଇପାରିବ ବୋଲି ଶିକ୍ଷୟିତ୍ରୀଶିକ୍ଷକ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀଶିକ୍ଷକ ଶୁଭଶ୍ରୀ ବିଶ୍ୱାଳ, ନିତୁ କମଲ, ଗାୟତ୍ରୀ ସାହୁ, ପାର୍ବତୀ ବେହେରା, ସୁଶ୍ରୀ ସଂଗୀତା ସିଅଳ, କୁମୁଦିନୀ ସାହୁ, ଖଗେଶ୍ୱର ଯେନା, ମୁମସାଦ ଖାନ, ପ୍ରିୟରଞ୍ଜନ ବେହେରା, ସିପନ ବେହେରା, ଶିକ୍ଷାକର୍ମୀ ରଞ୍ଜିତା ରାଉତ, ବିଶ୍ୱନାଥ ପଣ୍ଡା ଓ ନବକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ଶିକ୍ଷା ସପ୍ତାହ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଜ୍ଞାନବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ ।

**ଯାଜପୁରରୋଡ୍, ୧।୮ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ମୁଣ୍ଡମାଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଜିନ୍ଦଲ ଷ୍ଟିଲର ସିଏସ୍‌ଆର ଅଧିକାରୀ ସୁକାନ୍ତ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ମୂଲ୍ୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦିଲୀପ କୁମାର ଜେନା ସ୍ୱାଗତ ଭାଷଣ ଦେବା ସହମେଳାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପୂର୍ବତନ ସଭାପତି ଇଂ. ଦିଗନ୍ତ କୁମାର ରାଉତ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ।

ମେଳାରେ ବିଦ୍ୟାଳୟ ତରଫରୁ ଗଣିତ ଓ ବିଜ୍ଞାନ ସଂସ୍କୃତି ଜ୍ଞାନ ପତ୍ର ବାଚନ, ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ବିଜ୍ଞାନ ଓ ଗଣିତ ପ୍ରୟୋଗ, ବିଜ୍ଞାନ, ଗଣିତ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ, ଲୋକ କଳା ଯଥା ନୃତ୍ୟ, ବାଦ୍ୟ ତଥା ମୂର୍ତ୍ତି କଳା ସ୍ଥାନ ପାଇଥିଲା। ଏଥିରେ ବିଦ୍ୟାଳୟର ୩୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ, ବିଜ୍ଞାନ ଶିକ୍ଷକ ରାଜକୃଷ୍ଣ ପାଳ, ନିର୍ମଳ ମିଶ୍ର, ସନ୍ତୋଷ ବେହେରା, ଅଜୟ ବେହେରା, ଆଶିଷ କୁମାର ମଲ୍ଲ, ରତିକାନ୍ତ ବାରିକ ଓ ଅନ୍ୟ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଂଜୟ କୁମାର ଦେଓ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଚାରକ ଭାବେ ସୁରେଶ କୁମାର ବେହେରା, ମୃତ୍ୟୁଞ୍ଜୟ ନାୟକ, ବିଦ୍ୟାଧର ପାଢ଼ୀ, ନୟନ ଦିପ୍ତ ବେହେରା, ମଦନ ମୋହନ ବେହେରା, ସୁରେନ୍ଦ୍ର କୁମାର ବାହାଲିଆ ଓ ଜନାର୍ଦ୍ଦନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ନରେନ୍ଦ୍ର କୁମାର ଦାସ ଜ୍ଞାନ ବିଜ୍ଞାନ ମେଳାର ବୃତ୍ତ କଥନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଦେଇଥିଲେ।

# ଯୌତୁକ ନିର୍ଯାତନା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

**ଚଣ୍ଡିଖୋଲ, ୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଏକ ଯୌତୁକ ନିର୍ଯାତନା ମାମଲାରେ ଚଣ୍ଡିଖୋଲ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପରବିନ୍ ମଣ୍ଡଳ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଧର୍ମଶାଳା ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ବିଚିତ୍ରନନ୍ଦ ପରମାଣିକ ତାଙ୍କ ସ୍ତ୍ରୀ ନିର୍ମଳା ଗାହାଣଙ୍କୁ ଯୌତୁକ ନିର୍ଯାତନା ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନିର୍ମଳାଙ୍କ ଭାଇ ସତ୍ୟବାନ ଗାହାଣ ଧର୍ମଶାଳା ଥାନାରେ ୨୦୧୪ ଏପ୍ରିଲ ୨୬ରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୧/୧୪ରେ ଏକ ମାମଲା ରୁଜୁ କରିବା ସହ ବିଚିତ୍ରାନନ୍ଦଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ସେ ୪ ମାସ ବିଚାରାଧୀନ ବନ୍ଦୀ ଭାବେ ରହି ଅଗଷ୍ଟ ୨୬ରେ ଜାମିନ ପାଇଥିଲେ। ତେବେ ବିବାହର ୨୧ ବର୍ଷ ପରେ ୨ ଲକ୍ଷ ଟଙ୍କା ଯୌତୁକ ନିର୍ଯାତନା ମଗାଯିବ ଘଟଣାକୁ ନେଇ କୋର୍ଟ ମାମଲା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କୋର୍ଟ ୧୦ ଜଣ ସାକ୍ଷୀ ଓ ମୃତ ନିର୍ମଳାଙ୍କ ଝିଅ ଲିପସାଙ୍କ ବୟାନ ରେକର୍ଡ କରିଥିଲେ। ଲିପ୍‌ସା ଓ ଅନ୍ୟ ସାକ୍ଷୀମାନେ ବୟାନରେ ଦର୍ଶାଇଥିଲେ, ନିର୍ମଳା ପାଇଖାନା ଯିବା ସମୟରେ ଗୋଡ ଖସିଯିବାରୁ ପଡ଼ିଯାଇ ଗୁରୁତ ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ବ୍ଲଡ ପ୍ରେସର ଓ ଡାଇବେଟିସ ରହିଥିବାରୁ ସେ ସୁସ୍ଥ ହୋଇ ପାରିନ ଥିଲେ। ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିଲା। ସମସ୍ତ ସାକ୍ଷୀ ପ୍ରମାଣକୁ ଆଧାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରତାପ କୁମାର ଦାସ ମାମଲା ପରିଚାଳନା କାରୁଥିଲେ। ତାଙ୍କୁ ଆଇନଜୀବୀ କୈଳାସ ଚନ୍ଦ୍ର ସାମଲ, ବିଜୟ ରାଉଳ ଓ ଚିନ୍ମୟ ସ୍ୱାଇଁ ସହଯୋଗ କରୁଥିଲେ।

# ତାମିଲନାଡୁରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଡେରାବିଶ, ୧।୮ (ବେବର୍ତ୍ତା ଅଜୟ ଦାସ)**

ତାମିଲନାଡୁରେ କାର୍ଯ୍ୟରତ ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକ ଜଣକ ହେଲେ ଡେରାବିଶ ଥାନା ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହ ଗାଁର ଅଜୟ ଜେନାଙ୍କ ପୁଅ ଦିଗନମୋହନ (୩୦)। ପରିବାରର ସୂଚନା ଅନୁଯାୟୀ, ଦିଗନ ୫ବର୍ଷ ହେବ ତାମିଲନାଡୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବୁଧବାର ରାତି ୧୧ଟାରେ ଦିଗନଙ୍କର ମୃତ୍ୟୁ ହୋଇଥିବା ଖବର ଫୋନ୍ ଯୋଗେ ପରିବାର ନିକଟରେ ପହଞ୍ଚି ଥିଲା। ତେବେ ମୃତ୍ୟୁର କାରଣ କ'ଣ ସେ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ଦିଗନଙ୍କ ବଡ଼ଭାଇ ଗଗନ କହିଛନ୍ତି। ଜଣେ ପରୋପକାରୀ ମିଷ୍ଟଭାଷୀ ଯୁବକ ଭାବେ ଅଞ୍ଚଳରେ ପରିଚିତ ଥିବା ଦିଗନଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

# କୁସୁମାରୁ ମୂଲ୍ୟବାନ୍ ପାମ୍ ମଞ୍ଜି ଚୋରି

**ଯାଜପୁର ଟାଉନ, ୧।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

**ଧରା ପଡ଼ିବା ପରେ ଫୋପାଡି ପଳାଇଲେ ଦୁର୍ବୃତ୍ତ**

ବିଭିନ୍ନ କାରଣକୁ ନେଇ ବିବାଦରେ ଥିବା କୁସୁମା ମଧ୍ୟରୁ ଚୋରି ହୋଇଛି। କୁସୁମା ମଧ୍ୟରେ ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ମୂଲ୍ୟବାନ ପାମ୍ ଗଛର ମଞ୍ଜିକୁ ଏକ ନିର୍ଦ୍ଦିଷ୍ଟ ନର୍ସରୀକୁ ଚୋରା ଚାଲାଣ କରାଯାଉଛି। ଏହାଜଣାପଡିବା ପରେ ମଞ୍ଜି ତୋଳୁଥିବା ବ୍ୟକ୍ତି ଗଛର ଫଳକୁ ଫୋପାଡ଼ି ଦେଇ ଫେରାର ହୋଇ ଯାଇଛନ୍ତି।

ସୂଚନା ଅନୁସାରେ, କୁସୁମାର ସୌନ୍ଦର୍ଯ୍ୟକରଣ ପାଇଁ ଯାଜପୁର ପୌରପାଳିକା ପକ୍ଷରୁ ରାଜ୍ୟ ବାହାରରୁ ବହୁ ମୂଲ୍ୟବାନ ଗଛର ଚାରା ଆଣି ରୋପଣ କରାଯାଇଥିଲା। ଆନ୍ଧ୍ରପ୍ରଦେଶରୁ ପାମ ଗଛ ଆଣି ଲଗାଯାଇଥିବାବେଳେ ଏହି ଚାରାର ମୂଲ୍ୟ ୬ଶହ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଏହାର ସୁଯୋଗ ନେଇ ପାମ ଗଛର ଫଳ ଓ ମଞ୍ଜିକୁ ଚାରା ଯାଜପୁର ପଣସା ଅଞ୍ଚଳରେ ଥିବା ଏକ ନିର୍ଦ୍ଦିଷ୍ଟ ଫାର୍ମକୁ ଚୋରାରେ ନିଆଯାଉଥିଲା। ଗଣମାଧ୍ୟମ ପ୍ରତିନିଧି ଏହା ଦେଖି ପ୍ରଶ୍ନ କରିବାରୁ ଏକ ଅଟୋରେ ଭର୍ତ୍ତି ହୋଇଥିବା ମଞ୍ଜିକୁ କିଛି ଲୋକ ଧରି ଅଟୋ ଫେରାର ହୋଇଥିବାବେଳେ ୨/୪ ଜଣ ଶ୍ରମିକ କାଟି ରଖିଥିବା ଅବଶିଷ୍ଟ ମଞ୍ଜିକୁ ଛାଡି ପଳାଇଥିଲେ। କୁସୁମାରେ ମାଳମାଳ ସୁରକ୍ଷା କର୍ମୀ ଜଗିଥିବାବେଳେ କିପରି କୁସୁମା ପାଚେରିର ତାଲା ଖୋଲି ଶ୍ରମିକ ମଞ୍ଜି ତୋଳିବାକୁ ଭିତରକୁ ଗଲେ ଏବଂ ଏହା ପାଇଁ କିଏ ଅନୁମତି ଦେଇଥିଲା ସେ ନେଇ କେହି ମୁହଁ ଖୋଲୁ ନାହାନ୍ତି। ତୋଳାଯାଇଥିବା ଅଧା ମଞ୍ଜିକୁ ଛାଡି ପଳାଇଯାଇଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ଯାଜପୁର ଉଦ୍ୟାନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ତେବେ ଏହି ମଞ୍ଜି ଏକ ନିର୍ଦ୍ଦିଷ୍ଟ ବିଜେଡି ନେତାଙ୍କ ପରିଚାଳନାରେ ରହୁଥିବା ଫାର୍ମକୁ ଯାଉଥିବାବେଳେ ସେଠାରେ ଚାରା କରି ପୁନର୍ବାର ପ୍ରଶାସନକୁ ଉଚ୍ଚା ମୂଲ୍ୟରେ ବିକ୍ରି କରାଯାଇଥାନ୍ତା ବୋଲି କୁହାଯାଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୌରନିର୍ବାହୀ ଅଧିକାରୀ ଅନିଲ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।



ଦୁର୍ବୃତ୍ତମାନେ କୁସୁମାରୁ ପାମ୍ ମଞ୍ଜି ଚୋରିକରି ଫୋପାଡି ପଳାଇଛନ୍ତି।

# ଜୁନ୍‌ରେ ୩୪%, ଜୁଲାଇରେ ୩୫% କମ୍ ବର୍ଷା

- ଯାଜପୁର ଜିଲାରେ ବର୍ଷା ନିରୁତ୍ସାହଜନକ
- ପୁଣି ମରୁଡ଼ିର ପଦଧ୍ୱନି, ଚାଷୀକୁଳ ହତାଶ

**ଯାଜପୁର, ୧।୮ (ହର୍ଷବର୍ଦ୍ଧନ ବେହେରା):**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ରାଜ୍ୟବ୍ୟାପୀ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସୂଚନା ପ୍ରଦାନ କରାଯାଇଥିଲା । ଯାଜପୁର ଜିଲା ସମେତ ଅନ୍ୟ ୫ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣି ଜାରି କରାଯାଇଥିଲା । ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ସୁକିନ୍ଦା ଓ ଧର୍ମଶାଳା ଖଣି ଅଞ୍ଚଳରେ ହେଉଥିବା ବ୍ୟାପକ ପ୍ରଦୂଷଣ ଯୋଗୁ ପାଣିପାଗ ବିଭାଗର ଆକଳନ ଏଠାରେ ଫେଲ୍ ମାରିଛି। ଚଳିତ ବର୍ଷ ବର୍ଷା ଆରମ୍ଭରୁ ଅର୍ଥାତ୍ ଜୁନରେ ୩୪% ଓ ଜୁଲାଇରେ ୩୫% କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଜୁଲାଇରେ କୃଷି ବିଭାଗ ପକ୍ଷରୁ ନିର୍ଦ୍ଧାରିତ ୩୧୯.୬ ମିମି ବର୍ଷା ସ୍ଥଳେ ମାତ୍ର ୧୩ ଦିନରେ ୨୦୯.୪୪ ମିମି ବର୍ଷା ରେକର୍ଡ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ, ଲଘୁଚାପ ସୃଷ୍ଟି ସତ୍ତ୍ୱେ ଖଣି ଓ ଶିଳ୍ପାଞ୍ଚଳ ବ୍ଲକ ଧର୍ମଶାଳାରେ ସର୍ବନିମ୍ନ ୧୩୫ ମିମି ଓ ସୁକିନ୍ଦାରେ ୧୭୭ ମିମି ବର୍ଷା ହୋଇଛି। ଜୁଲାଇରେ ବଡ଼ଚଣାରେ ୨୪୨ ମିମି, ବରୀରେ ୨୪୩ ମିମି, ବିଞ୍ଝାରପୁରରେ ୨୨୬ ମିମି, ଦାନଗଦିରେ ୨୪୬ ମିମି, ଦଶରଥପୁରରେ ୧୬୨ ମିମି, ଧର୍ମଶାଳାରେ ୧୩୫ ମିମି, ଯାଜପୁରରେ ୨୨୪ ମିମି, କୋରେଇରେ ୨୦୪ ମିମି, ରସୁଲପୁରରେ ୨୩୩ ମିମି ଓ ସୁକିନ୍ଦାରେ ୧୭୭ ମିମି ବର୍ଷା ରେକର୍ଡ କରାଯାଇଛି।

ଶ୍ରାବଣ ମାସର ତୃତୀୟ ସପ୍ତାହ ଚାଲିଛି । ଧାରା ଶ୍ରାବଣରେ ଚାଷୀ ରୁଆ ବିହୁଡା କାର୍ଯ୍ୟ ପ୍ରାୟ ସମ୍ପାଦନ କରିଥାଏ । କିନ୍ତୁ ଯାଜପୁର ଜିଲାରେ ଏହା ସମ୍ଭବ ହୋଇ ପାରିନାହିଁ। ଫଳରେ ଅଣଜଳସେଚିତ ଅଞ୍ଚଳ ଚାଷୀଙ୍କ ଚିନ୍ତା ବଢି ଯାଇଛି। ଏଭଳି ସ୍ଥିତିରେ ଚାଷୀ ପୁଣି କେବେ ବେଉଷଣ କରିବେ ସେନେଇ ଭାଳେଣି ପଡିଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ମତପ୍ରକାଶ ପାଇଛି । ରାତି ୧୦ଟା ପରେ ଅଧିକାଂଶ ଖଣି ଓ ଶିଳ୍ପ କାରଖାନାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗିଥିବା ମେଶିନଗୁଡିକୁ ଠିକ୍ ଭାବେ ପରିଚାଳନା କରୁନାହାନ୍ତି। ଫଳରେ ରାତିସାରା ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି ବୋଲି ଅଭିଯୋଗ ହେଉଛି । ଖଣି ଅଞ୍ଚଳରେ ଅବାଧ ଗଛକଟା ଜଳବାୟୁ ପରିବର୍ତ୍ତନରେ ଅନ୍ୟତମ କାରଣ ହୋଇଛି । ଏଥିଯୋଗୁ ବାୟୁ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ସାଂଘାତିକ ହେବାରେ ଲାଗିଛି । ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଉତ୍କଟ ବାୟୁ ପ୍ରଦୂଷଣ ତାଲିକାରେ ରହିଛି । ଏହି ସହରରେ ପ୍ରତି ଘନମିଟର(କ୍ୟୁବିକମିଟର) ପିଛା ପାଖାପାଖି ୧୨୦ ମାଇକ୍ରୋଗ୍ରାମ ରହିଛି । ବେଳ ହୁଁ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଏହା ଗୁରୁତର ପରିସ୍ଥିତି ସୃଷ୍ଟି କରିବ ବୋଲି ବିଭିନ୍ନ ଅନୁଷ୍ଠାନ ଓ ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା । କିନ୍ତୁ କଳିଙ୍ଗନଗର ଅଞ୍ଚଳରେ ଏହାର ପ୍ରାୟ ଦୁଇଗୁଣ ପ୍ରଦୂଷଣ କଣିକା ରହିଥିବାରୁ ଶିଳ୍ପାଞ୍ଚଳରେ ଗତ ୧୦ ବର୍ଷ ମଧ୍ୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାୟୁ, ଜଳ ଓ ଧୂଳିଧୂଆଁଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏପରି ପ୍ରଦୂଷିତ ପରିବେଶ ପାଣିପାଗ ଉପରେ ମଧ୍ୟ ବେଶ ପ୍ରଭାବ ପକାଉଛି । ଫଳରେ ବର୍ଷାର ଅନୁପାତ କ୍ରମେ ହ୍ରାସ ପାଇବାରେ ଲାଗିଛି । ସେହିପରି ଲଘୁ ଖଣି ଧର୍ମଶାଳା ତହସିଲ ଅଞ୍ଚଳରେ କ୍ରମଶଃ ବର୍ଷାର ପରିମାଣ ହ୍ରାସ ପାଇବାରେ ଲାଗିଛି। ଏଠାରେ ପ୍ରାୟ ୫୦ଟି କଳାପଥର ଖାଦାନ ଓ କ୍ରଶର ଚାଲିଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପାଣି ସିଞ୍ଚନ ସମେତ ଚାରା ରୋପଣ ହୋଇ ପାରିନାହିଁ। ଓଭରଲୋଡିଂ ଗାଡ଼ି ଚଳାଚଳ ଯୋଗୁ ଧୂଳିଧୂଆଁ ଉଡି ପାଣିପାଗ ଏଭଳି ଭାବେ ପ୍ରଭାବିତ ହୋଇଛି ଯେ, ମେଘ ସୃଷ୍ଟି ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ବିଭାଗ କୌଣସି ପ୍ରକାର ହେଳା କରୁନାହିଁ ।



# ୨୦ନଂ. ଡ୍ରେନେଜ କଟ୍‌ର ଚେକ୍ ଡ୍ୟାମ୍ କବାଟ ବନ୍ଦ

ଡେରାବିଶ, ୧୮ (ବେବର୍ତ୍ତା ଅଜୟ ଦାସ)


ଡ୍ରେନେଜ କଟ୍ ଚେକ୍ ଡ୍ୟାମ୍‌ରେ ଲାଗିଥିବା କବାଟର ଚାବି ରଡ୍ ଚୋରି ପରେ କବାଟ ପଡି ରହିବାରୁ ପାଣି ନିଷ୍କାସନ ହେଉନାହିଁ।

- କବାଟର ଚାବି ରଡକୁ ଚୋରି କରି ନେଲେ ଦୁର୍ବୃତ୍ତ
- କ୍ଷୁଦ୍ର ଜଳସେଚନ, ଡ୍ରେନେଜ କଟ୍ ବିଭାଗ ନୀରବ
- ଜଳମଗ୍ନ ହେବ ଶତାଧିକ ହେକ୍ଟର ଚାଷ ଜମି

କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗ ଅଧୀନରେ ଥିବା ୨୦ ନଂ. ଡ୍ରେନେଜ କଟ୍ ଡେରାବିଶ ବ୍ଲକର କାଉପଡ଼ା ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଦେଇ ପ୍ରବାହିତ ହୋଇଛି। ଏହି ୨ ବ୍ଲକ ଅଧୀନ ୫ଟି ପଞ୍ଚାୟତରେ ଥିବା ଚାଷଜମିରୁ ଜଳ ନିଷ୍କାସନ ପାଇଁ ଏହି ଡ୍ରେନେଜ କଟ୍‌ର କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଜମଧର ପଞ୍ଚାୟତର ଜୁଇଦାସପୁରଠାରେ ଏକ ଚେକ୍ ଡ୍ୟାମ୍ ରହିଛି। ମାତ୍ର ଚେକ୍ ଡ୍ୟାମ୍‌ର କବାଟର ଚାବି ରଡଗୁଡ଼ିକୁ ଗତ ସପ୍ତାହରେ କେହି ଦୁର୍ବୃତ୍ତ ଚୋରି କରି ନେଇଯିବା ଫଳରେ କବାଟଗୁଡ଼ିକ ତଳକୁ ଖସି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା କାଉପଡ଼ା ପଞ୍ଚାୟତର ଚାଷୀ ସଦାଶିବ ସ୍ୱାଇଁ କହିଛନ୍ତି। ସଦାଶିବଙ୍କ ସୂଚନା ଅନୁଯାୟୀ ଏହି ଚେକ ଡ୍ୟାମଟି ତୁରନ୍ତ ମରାମତି କରା ନ ଗଲେ ବ୍ଲକ ଅଧୀନ କାଉପଡା, ଖମୋଳ, ଚାନ୍ଦୋଳ ଓ ପଲେଇ ପଞ୍ଚାୟତର ଶତାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହ ଫସଲ ନଷ୍ଟ ହେବାର ବହୁ ସମ୍ଭାବନା ରହିଛି। ୨୦ନଂ. ଡ୍ରେନେଜ କଟ୍‌ରେ ଜଳ ନିଷ୍କାସନ ପାଇଁ ଜୁଇଦାସପୁରଠାରେ ଥିବା ଚେକ ଡ୍ୟାମ୍ ଦୀର୍ଘବର୍ଷ ହେବ ମରାମତି ନ ହେବା ଯୋଗୁ ପ୍ରତ୍ୟେକ ବର୍ଷ ଚାଷ ଜମିରେ ଉଦ୍‌ବୃତ୍ତ ବର୍ଷାଜଳ ଜମି ରହିବା ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହୋଇ ଆସିଛି। ଏହାର ସମାଧାନ ପାଇଁ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ବାରମ୍ବାର ଡ୍ରେନେଜ କର୍ଟ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରି ଆସୁଥିଲେ ମଧ୍ୟ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବା ଚାଷୀଙ୍କ ପାଇଁ ଦୁଃଖର କାରଣ ପାଲଟିଥିବା ନେଇ ଚାଷୀ ଲକ୍ଷ୍ମୀଧର ମହାପାତ୍ର କହିଛନ୍ତି। ଲକ୍ଷ୍ମୀଧରଙ୍କ କହିବା ଅନୁଯାୟୀ, ଡ୍ରେନେଜ କଟ୍ ବିଭାଗର ଚରମ ଅବହେଳା ପାଇଁ ଏହି ଡ୍ରେନେଜ କଟ୍‌ର ସଫେଇ ଏବଂ ମରାମତି ହୋଇପାରୁନାହିଁ। ଏଥିସହ ଜୁଇଦାସପୁରଠାରେ ଥିବା ଚେକ ଡ୍ୟାମଟି କିଛିବର୍ଷ ପୂର୍ବେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ବିଭାଗୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହି ଚେକ ଡ୍ୟାମଟି ରୁଗ୍ଣ ଅବସ୍ଥାକୁ ଆସିଥିବା ବେଳେ ଦୁର୍ବୃତ୍ତମାନେ ରଡ ଚୋରି କରି ନେଇଯିବା ଏବଂ କବାଟଟି ତଳକୁ ଖସି ଜଳ ନିଷ୍କାସନ ପଥ ବନ୍ଦ ହୋଇଯିବା ନିର୍ଭରଶୀଳ ଚାଷୀମାନଙ୍କ ପାଇଁ ବିପଦ ଦେଖାଦେଇଛି। ଏ ବିଷୟରେ ଡ୍ରେନେଜ କଟ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଏହି ଡ୍ୟାମ୍‌ଟି କ୍ଷୁଦ୍ର ଜଳସେଚନ ବିଭାଗ କରିଥିବାରୁ ଏହାର ମରାମତି କାର୍ଯ୍ୟ ସମ୍ପୃକ୍ତ ବିଭାଗ କରିବ ବୋଲି କହି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛନ୍ତି। ଅପରପକ୍ଷରେ ଏହି ଚେକ୍ ଡ୍ୟାମ୍‌ର ମରାମତି ପାଇଁ କ୍ଷୁଦ୍ର ଜଳସେଚନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଲକ୍ଷ୍ମୀଧର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡସ୍ଥିତ ଜଳସେଚନ ବିବାଗର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ବେହେରାଙ୍କୁ ପଚାରିବାରେ ଏହି ଚେକ୍ ଡ୍ୟାମ୍‌ର ଅନୁଧ୍ୟାନ କରାଯାଇ ଆଗାମୀଦିନରେ ଯେପରି ଚାଷୀଙ୍କ ପାଇଁ କୌଣସି ସମସ୍ୟା ନ ହୁଏ ତାହାକୁ ଦୃଷ୍ଟିରେ ରଖି ପଡି ଯାଇଥିବା କବାଟକୁ ତୁରନ୍ତ ମରାମତି କରାଯିବ। ଏଥିସହ ଏହି ଚେକ୍ ଡ୍ୟାମ୍‌ର ସ୍ଥାୟୀ ମରାମତି ପାଇଁ ବିଭାଗ ଅଧୀନରେ ଥିବା ମେକାନିକାଲ ଡିଭିଜନକୁ ସେ ଜଣାଇବେ ବୋଲି କହିଛନ୍ତି।

# ସୋନାଲି ଅଲଟ୍ରାସାଉଣ୍ଡ ଉପରେ ଚଢ଼ାଉ


ପ୍ରଶାସନିକ ଅଧିକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢାଉ କରୁଛନ୍ତି।

ଆଳି, ୧୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଆଳି ଥାନା ଅଞ୍ଚଳରେ ଥିବା ସୋନାଲି ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଛି। ସମଗ୍ର ଜିଲାରେ ଥିବା ପାଥୋଲାବ ଓ ଅଲଟ୍ରାସାଉଣ୍ଡର କାଗଜପତ୍ର ଯାଞ୍ଚ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେବା ପରେ ଗୁରୁବାର ସକାଳେ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଓ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ କୁମାର ଶୁକ୍ଳା ଓ ଆଇଆଇସି ପ୍ରମୁଖ ଅଲଟ୍ରାସାଉଣ୍ଡରେ ପହଞ୍ଚି ବିଭିନ୍ନ ପ୍ରକାର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚରୁ କ'ଣ ତଥ୍ୟ ମିଳିଲା କି ନାହିଁ ତାହା ଜଣାପଡିନାହିଁ। ଏ ନେଇ କାହାର ପ୍ରତିକ୍ରିୟା ମିଳିପାରିନାହିଁ।

# ଇକୋ ସେନ୍‌ସିଟିଭ୍ ଜୋନ୍ ଆଇନକୁ ନେଇ ବଢୁଛି ତାତି

## କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ସଚିବଙ୍କୁ ଚିଠି

ରାଜନଗର, ୧୮ (ଭାସ୍କର ରାଉତରାୟ)

ଭିତରକନିକା ୱାଇଲ୍ଡ ଲାଇଫ୍ ସାଞ୍ଚୁରୀ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ନ୍ୟାଶନାଲ୍ ପାର୍କର ୧୦୦ ମିଟରରୁ ୮ କିମି ୭ ଶହ ମିଟର ପର୍ଯ୍ୟନ୍ତ ପରିଧିକୁ ପରିବେଶ ସ୍ପର୍ଶକାତର ଅଞ୍ଚଳ ବା ଇକୋ ସେନ୍‌ସେଟିଭ୍ ଜୋନ୍ ଭାବେ ଘୋଷଣା କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଜୁନ ୯ ରେ ଅଧିସୂଚନା ପ୍ରକାଶ ପାଇଛି। ୬୦ଦିନର ଅଭିଯୋଗ ଶୁଣାଣି ସମୟ ଶେଷ ହେବା ପରେ ଏହା ଆଇନରେ ପରିଣତ ହେବ। ୩ଟି ପ୍ରୋଟେକ୍ଟେଡ ଏରିଆ ସହ କେନ୍ଦ୍ରାପଡା ଜିଲାର ୧୬୦ଟି ଗାଁ ଓ ଭଦ୍ରକ ଜିଲାର ୪୫ଟି ଗାଁରେ ମାଟି ଖୋଳିବାଠାରୁ ନିଜ ବଗିଚାର ବାଡବନ୍ଦୀ ଏବଂ ଶବ୍ଦ ପ୍ରଦୂଷଣଠାରୁ ଆରମ୍ଭ କରି ଗାଡି ଚଳାଚଳ ଯାଏଁ ଏପରିକି ନୂତନ କନ୍‌ଷ୍ଟ୍ରକଶନ୍ ଉପରେ କଟକଣା ଲାଗୁ ହେବ। ଏହାକୁ ନେଇ ରାଜନଗର ସମେତ ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା ଓ ଭଦ୍ରକ ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଇକୋ ସେନସେଟିଭି ଜୋନ୍ ଅଧିସୂଚନାକୁ ନେଇ ପ୍ରତିକ୍ରିୟା ବଢୁଥିବା ବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗୁରୁବାର କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଜନବସତି ଅଞ୍ଚଳକୁ ଏହି ଆଇନରୁ ବାଦ୍ ଦିଆଯାଉ। ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଏହି ଆଇନ ଲାଗୁ କରାଯାଉ। ପ୍ରତ୍ୟେକ ଗାଁରେ ପଲ୍ଲିସଭା କରି ଏହି ଆଇନ ସମ୍ପର୍କରେ ମତାମତ ନିଆଯାଉ। ସାଧାରଣ ଲୋକେ ଦିଲ୍ଲୀରେ ପହଞ୍ଚି ଅଭିଯୋଗ କରିବା ସମ୍ଭବ ନୁହେଁ। ତେଣୁ ସ୍ଥାନୀୟ ଅଞ୍ଚଳରେ ପଲ୍ଲିସଭା କରାଯିବା ସହ ଅଭିଯୋଗ ଗ୍ରହଣର ସମୟସୀମା ଆଉ ୩ ମାସ ବୃଦ୍ଧି କରାଯାଉ। ଏଥିସହ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାକୁ ଦୃଷ୍ଟି ଦିଆଯାଇ, ଜନବସତି ଅଞ୍ଚଳକୁ ବାଦ ଦିଆଯାଇ ଏହି ଆଇନ ଲାଗୁ କରାଯାଉ। ୨ଦିନ ତଳେ ବିଧାୟକ ସାହୁ ବିଧାନସଭାରେ ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇଥିଲେ।

ତିନିତିନୋଟିଇସ୍ତାହାର ଦ୍ୱାରା ଭୁଲ ସୀମା ଚିହ୍ନଟ ଫଳରେ ୩ଟି ଆଇନ ରାଜନଗର ଜନବସତି ଅଞ୍ଚଳ ଓ ଅଧିବାସୀଙ୍କ ପାଇଁ ଲାଗୁ ହୋଇଛି। ଭିତରକନିକା ବିଶ୍ୱ ପରିବେଶ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ରାଜନଗର ପାଇଁ ଗର୍ବ ଓ ଗୌରବ ଆଣିଛି। ମାତ୍ର ରାଜନଗର ଅଧିବାସୀ ଭିତରକନିକାକୁ ନେଇ ଯେଉଁ ପରିମାଣରେ ଆନନ୍ଦିତ ଓ ଗର୍ବିତ ହେବା କଥା, ଆଜିଯାଏଁ ହୋଇପାରିନାହାନ୍ତି ବରଂ ଏକ ଅଜଣା ଆସନ୍ନ ଆତଙ୍କରେ ଏଠାକାର ଜନଜୀବନ ଆନ୍ଦୋଳିତ ହୋଇଛି। ଭୁଲ୍ ସୀମା ଚିହ୍ନଟ କରି ଜଙ୍ଗଲ ସମ୍ପର୍କୀୟ ଆଇନ, କଟକଣା ଲାଗୁ କରାଯିବା ଦ୍ୱାରା ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

# ଅଧ୍ୟବସାୟ, ଶୃଙ୍ଖଳାକୁ ମାନିଲେ ଭଲ ମଣିଷ ହେବ

## ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ମାର୍ଶାଘାଇ, ୧୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିକ୍ଷାବର୍ଷ ୨୦୨୪-୨୫ ପ୍ରାରମ୍ଭରେ ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁକ୍ତ ୨, ଯୁକ୍ତ ୩ ବିଭାଗର ପ୍ରଥମବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା, ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ପାଠ କରି ନବାଗତ ଛାତ୍ରୀଛାତ୍ରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ସ୍ୱାଗତ କମିଟିର କର୍ମକର୍ତ୍ତା ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ଦାଶ, ଦୀପକ କୁମାର ମହାନ୍ତି, ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ଖଗେଶ୍ୱର ନାୟକ, ସୂର୍ଯ୍ୟକାନ୍ତ ଦାସ, ଶୁଭ ପ୍ରକାଶ ରାଉତ, ଅଧ୍ୟାପିକା ମଧୁସ୍ମିତା କର, ଅନୁରାଧା ଦାସ, ମାନସୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଠୋର ଅଧ୍ୟାବସାୟ, ପ୍ରଚଣ୍ଡ ଆତ୍ମବିଶ୍ୱାସ, ନିଷ୍ଠା, ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଶିକ୍ଷା ଗ୍ରହଣ କଲେ ବିଦ୍ୟାର୍ଥୀ ନିଜକୁ ଭଲ ମଣିଷ ଭାବେ ତିଆରି କରିପାରିବ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରୀମାନଙ୍କୁ ସମୟ ସାରଣୀ, କଲମ ଓ ଲଡୁ ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

# ଚାନ୍ଦୋଳ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ


ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଡେରାବିଶ ୧୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ରନାଥ ସାମଲ ଓ ମୁଖ୍ୟବକ୍ତା ଭାବେ ଚାନ୍ଦୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ଦିଲୀପ କୁମାର ଭୂୟାଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଷ୍ଟାଫ କାଉନସିଲର ସମ୍ପାଦକ ପ୍ରାଧ୍ୟାପିକା ଶ୍ରୀମତୀ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୧୪ଟି ବିଭାଗର ଟପ୍ପର ଛାତ୍ରୀଛାତ୍ର, ଯୁକ୍ତ ୨ କଳା ଓ ବିଜ୍ଞାନର ଟପ୍ପର ସହ ମହାବିଦ୍ୟାଳୟର ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ପ୍ରାରମ୍ଭରୁ ରହିଆସିଥିବା ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଉପସ୍ଥିତ ରହିଥିଲେ। ସେମାନେ ୪୬ବର୍ଷ ମଧ୍ୟରେ ମହାବିଦ୍ୟାଳୟର ଉତ୍‌ଥାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ ରାଉତ ଓ ଦିବ୍ୟ କୁମାର ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଅଧ୍ୟାପିକା ମନୀଷା ମହାରଣା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ପ୍ରତାପ କୁମାର ଜେନା, ସଞ୍ଜୟ କୁମାର ନାୟକ, ପ୍ରଭାକର ଦାସ, ମାନସ ରଞ୍ଜନ ଦାଶ, ପ୍ରହଲ୍ଲାଦ ମାଝି, ବିଶ୍ୱରଞ୍ଜନ ମିଶ୍ର, ଶଶିଭୂଷଣ ଜେନା, ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା, ମନୀଷା ମହାରଣା, ମନୀଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ଅପର୍ଣ୍ଣା ନାୟକ, ସ୍ମୃତିରେଖା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଗରଦପୁର ବ୍ଲକ୍‌ରେ ୱାର୍ଡ ମେମ୍ବରଙ୍କ ପ୍ରଶିକ୍ଷଣ ଶିବିର


ଶିବିରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହ ଅନ୍ୟମାନେ।

ପାଟକୁରା, ୧୮ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ସଦଭାବନା ଗୃହରେ ଗୁରୁବାର ପଦ୍ମପୁର, ବନ୍ତଳା, ବଡବେତରା, ତିକନପୁର ଓ ବଙ୍ଗାଳପୁର ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କୁ ନେଇ ପଞ୍ଚାୟତିରାଜ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତୃଣମୂଳସ୍ତରରେ ୱାର୍ଡ ମେମ୍ବରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପାର୍ବତୀ ବାରିକ ଓ ଚୈତନ୍ୟ ବିଶ୍ୱାଳ ଉପସ୍ଥିତ ରହି ପଞ୍ଚାୟତରେ ୱାର୍ଡ ମେମ୍ବରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଗାଁର ବିକାଶ ହେଲେ ପଞ୍ଚାୟତ, ବ୍ଲକ ଓ ଜିଲା ସହ ରାଜ୍ୟର ବିକାଶ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗରଦପୁର ବ୍ଲକର ୧୮ଟି ପଞ୍ଚାୟତର ୱାର୍ଡ ମେମ୍ବରମାନଙ୍କୁ ପର୍ଯ୍ୟାୟକ୍ରମେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ମହାରାଜ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ୱାର୍ଡ ମେମ୍ବରମାନଙ୍କୁ ଅଧିକ ସଚେତନ କରିବ ବୋଲି ସେ କହିଥିଲେ।

# ଭିତରକନିକା ଅଭୟାରଣ୍ୟର ୫୦ ବର୍ଷ ପୂର୍ତ୍ତି: ତାଳଗଛ ରୋପଣ

ରାଜନଗର, ୧୮ (ଭାସ୍କର ରାଉତରାୟ)


ବନ ବିଭାଗ ପକ୍ଷରୁ ତାଳଗଛର ମଞ୍ଜିକୁ ରୋପଣ କରାଯାଉଛି।

ଭିତରକନିକା ଅଭୟାରଣ୍ୟର ୫୦ବର୍ଷ ପୂର୍ତ୍ତି ଏବଂ ବନ ମହୋତ୍ସବ ଉତ୍ସବ ପାଳନ ଅବସରରେ କନିକା ରେଞ୍ଜ କାର୍ଯ୍ୟାଳୟ ପରିସର ମଧ୍ୟରେ ଗୁରୁବାର ତାଳଗଛ ରୋପଣ କରାଯାଇଛି। ରାଜନଗର ଲୁଣା ଜଙ୍ଗଲ ବନ୍ୟ ପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ତାଳ ମଞ୍ଜି ପୋତିବା ସହିତ ନଡ଼ିଆ ଗଛ ଲଗାଇବା ସହ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଉପକୂଳବର୍ତ୍ତୀ ଅଞ୍ଚଳବାସୀ ଏହି ତାଳ ଚାରା ରୋପଣ କାର୍ଯ୍ୟରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ପୁନମ୍‌ହୀରା ହାଁସଦା, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ, ସହକାରୀ ବନ ସଂରକ୍ଷକ, ଗବେଷକ ପ୍ରସନ୍ନ କୁମାର ନାୟକ ଏବଂ ବିଭୂତି ପ୍ରସାଦ ମଲ୍ଲିକଙ୍କ ସହ ବନକର୍ମଚାରୀ ଉପସ୍ଥିତ ଥିଲେ।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

କେନ୍ଦ୍ରାପଡ଼ା, ୧୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଡେରାବିଶ ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ନୟାଗଡ଼ ଅଞ୍ଚଳର କବିର ବେହେରା ବଳାତ୍କାର କରିଥିଲେ। ସେ ଏବେ ୭ ମାସର ଗର୍ଭବତୀ ଅଛନ୍ତି। ଥାନାରେ ମାମଲା ହୋଇଛି। ଏହି ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପାଇଁ ମାନବାଧିକାର କର୍ମୀ କେନ୍ଦ୍ରାପଡ଼ା ବ୍ଲକ ଏଣ୍ଡର ଗ୍ରାମର ସାଗର ଜେନା ନ୍ୟାଶନାଲ ହ୍ୟୁମାନ ରାଇଟ୍ସ କମିଶନରେ ଏକ ଅଭିଯୋଗ ପତ୍ର (ନଂ. ୧୨୧୨୪/୨୪) ଗୁରୁବାର ଦେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ସାଗର କହିଛନ୍ତି, ପୀଡିତା ଜଣକ ମୂକ ଓ ବଧିର। ନୟାଗଡ଼ର ଏହି ଯୁବକ କୌଣସି ଏକ ସୁଯୋଗ ନେଇ ପୀଡିତାଙ୍କୁ ଗତ ୭ ମାସ ପୂର୍ବେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏବେ ଗର୍ଭବତୀର ସୁରକ୍ଷା ଜରୁରୀ ହୋଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦ ଦେବା ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ଏନ୍‌ଏଚଆର୍‌ସିରେ ଅଭିଯୋଗପତ୍ର ଦାଖଲ କରିଥିବା ସାଗର କହିଛନ୍ତି।

# ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ରାଜକନିକା, ୧୮ (ସଞ୍ଜୟ କୁମାର ଦାଶ)

## ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରାଜକନିକା ବ୍ଲକ ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହଳଧର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ସେନାପତି, ଅଧ୍ୟାପକ ମୁରଲୀଧର କର, ଅଧ୍ୟାପକ ଡ. ସୁଧୀର କୁମାର ବାରିକ, ଅଧ୍ୟାପିକା ଉଷାରାଣି ରଥ, ସଙ୍ଗୀତା ଜେନା, ଅର୍ପିତା ପ୍ରିୟଦର୍ଶିନି ଲେଙ୍କା, ଅଧ୍ୟାପକ ଶିଶିର ପତି, ଅଧ୍ୟାପକ ଅବିନାଶ ପାତ୍ର, ଅଧ୍ୟାପକ ମାନସ ରଞ୍ଜନ ରାଉତ, ଅଧ୍ୟାପକ ମହିମା ପ୍ରଧାନ, ଅଧ୍ୟାପିକା ଅପର୍ଣ୍ଣା ମଲିକ, ଅଧ୍ୟାପକ ଜଗବନ୍ଧୁ ଜେନା, କ୍ରୀଡା ଶିକ୍ଷକ ମନୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାକାଥନ ବିଷୟରେ ଅବିନାଶ ପାତ୍ର, ଯୁବ ରେଡକ୍ରସ, ଏନ୍‌ଏସ୍‌ଏସ୍, ଆତ୍ମରକ୍ଷା ବିଷୟରେ ପ୍ରତାପ କୁମାର ବିଶ୍ୱାଳ, ସ୍କଲାରସିପ ବିଷୟରେ ଓ ପ୍ଲେସ୍‌ମେଣ୍ଟ ସେଲ ବିଷୟରେ ଉଷାରାଣି ରଥ, ଲାଇବ୍ରେରୀ ବିଷୟରେ ନିବେଦିତା ପଳାଇ ପ୍ରମୁଖ ମତାମତ ରଖିଥିଲେ। ଶେଷରେ ଅଧ୍ୟାପିକା ଅବନ୍ତୀ ରାୟ ଧନ୍ୟବାଦ ଦେଇଥିଲେ।

# ତାମିଲନାଡୁରେ କାର୍ଯ୍ୟରତ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଡେରାବିଶ, ୧୮ (ବେବର୍ତ୍ତା ଅଜୟ ଦାସ)

ତାମିଲନାଡୁରେ କାର୍ଯ୍ୟରତ ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକ ଜଣକ ହେଲେ ଡେରାବିଶ ଥାନା ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହ ଗାଁର ଅଜୟ ଜେନାଙ୍କ ପୁଅ ଦିଗନମୋହନ (୩୦)। ପରିବାରର ସୂଚନା ଅନୁଯାୟୀ, ଦିଗନ ୫ବର୍ଷ ହେବ ତାମିଲନାଡୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବୁଧବାର ରାତି ୧୧ଟାରେ ଦିଗନଙ୍କର ମୃତ୍ୟୁ ହୋଇଥିବା ଖବର ଫୋନ୍ ଯୋଗେ ପରିବାର ନିକଟରେ ପହଞ୍ଚି ଥିଲା। ତେବେ ମୃତ୍ୟୁର କାରଣ କ'ଣ ସେ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ଦିଗନଙ୍କ ବଡ଼ଭାଇ ଗଗନ କହିଛନ୍ତି। ଜଣେ ପରୋପକାରୀ ମିଷ୍ଟଭାଷୀ ଯୁବକ ଭାବେ ଅଞ୍ଚଳରେ ପରିଚିତ ଥିବା ଦିଗନଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

# ଗାଁ ରାସ୍ତାରେ ଲହଡ଼ି ମାରୁଛି ବର୍ଷାପାଣି

ମାର୍ଶାଘାଇ, ୧୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

## ସ୍ଥିତି ପରଖିଲେ ତହସିଲଦାର


ତହସିଲଦାର ଶ୍ରୀକାନ୍ତ ପରିଜା ରାସ୍ତାରେ ଜମି ରହିଥିବା ପାଣିକୁ ବୁଲି ଦେଖୁଛନ୍ତି।

ମାର୍ଶାଘାଇ ବଜାର ନିକଟ ବନ୍ଧସାହି ଗାଁର ମୁଖ୍ୟ ରାସ୍ତାରେ ବର୍ଷାପାଣି ଲହଡ଼ି ମାରୁଛି। ପାଣି ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା।

ମାର୍ଶାଘାଇ ପଞ୍ଚାୟତ ୧୪ ନଂ. ୱାର୍ଡର ୱାର୍ଡମେମ୍ବର ତଥା ନାଏବ ସରପଞ୍ଚ ଦେବସ୍ମିତା କର ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସମସ୍ୟାର ସମାଧାନ ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ବନ୍ଧସାହି ଗାଁକୁ ଗୁରୁବାର ଯାଇ ସ୍ଥିତି ପରଖିଛନ୍ତି। ମାର୍ଶାଘାଇ ପଞ୍ଚାୟତ ସମିତି ସଭ୍ୟଙ୍କ ବାଇକ୍‌ରେ ବସି ଏହି ଗାଁକୁ ଯିବାବେଳେ ପ୍ରାୟ ୩ଶହ ମିଟର ବ୍ୟାପୀ ରାସ୍ତା ଉପରେ ଦେଢ଼ ଫୁଟ ଉଚ୍ଚତାରେ ପାଣି ଜମି ରହିଥିବା ଦେଖିଥିଲେ। ପାଣି ନିଷ୍କାସନ ନେଇ ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ ଆଲୋଚନା କରିବା ସହିତ ଡ୍ରେନ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରି ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ। ଏହି ଗାଁର ରାସ୍ତା କେନାଲ ଲେଭୁଲଠାରୁ ନୀଚାରେ ରହିଛି ଏବଂ ପାଣି ନିଷ୍କାସନ ନେଇ ଡ୍ରେନ ସୁବିଧା ନ ଥିବାରୁ ପାଣି ନିଷ୍କାସନ ସମସ୍ୟା ଗମ୍ଭୀର ହୋଇ ବର୍ଷ ସାରା ରାସ୍ତା ପାଣିରେ ବୁଡ଼ି ରହୁଛି। ପଞ୍ଚାୟତ ପକ୍ଷରୁ ଏକ ମୋଟର ଲଗାଯାଇ ପାଣି ନିଷ୍କାସନର ବ୍ୟବସ୍ଥା କରାଯାଇଥିଲେ ବି ତାହା ରାସ୍ତାକୁ ଶୁଖିଲା କରିପାରୁନାହିଁ। ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରି ସ୍ଥାୟୀ ବ୍ୟବସ୍ଥା କରିବାକୁ ଉପସ୍ଥିତ ଗ୍ରାମବାସୀ ଦାବି କରିଥିଲେ।

# ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅନିୟମିତତା

## ପ୍ରଶାସନିକ ତଦନ୍ତ ପାଇଁ ଦାବି

ନୟାଗଡ଼,୧।୮(ଲୋକନାଥ ମିଶ୍ର): ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନାନା ଅନିୟମିତତାରେ ଛନ୍ଦି ହୋଇ ପଡିଛି । ଏହାର ପ୍ରଶାନିକ ତଦନ୍ତ କରିବା ପାଇଁ ବ୍ୟାଙ୍କର ପୂର୍ବତନ ଡାଇରେକ୍ଟର ନସିର ଅହମ୍ମଦ ସମବାୟ ମନ୍ତ୍ରୀ, ସମବାୟ ବିଭାଗର କମିଶନର କମ ସେକ୍ରେଟାରୀ, ରଣପୁର ବିଧାୟକ ଙ୍କୁ ଫେରାଦ୍ ହୋଇଛନ୍ତି । ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତିରେ ପ୍ରଶାସନିକ ମଞ୍ଜୁରୀ ନ ଥିଲେ ମଧ୍ୟ ନିଯୁକ୍ତି କରାଯାଇଛି । କୁରାଳ ସେବା ସମବାୟ ସମିତିରେ ହୋଇଥିବା ଅନିୟମିତତାରେ ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାଳ ସଂପୃକ୍ତି ରହିଥିବାବେଳେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ନିଯୁକ୍ତି ଦିଆଯାଇ ଅନିୟମିତତାକୁ ଘଣ୍ଟ ଘେଡାଇବାକୁ ଉଦ୍ୟମ କରାଯାଇଛି । ସମବାୟ ସମିତି ସମୂହ ନିବନ୍ଧକ(ଆରଟିଏସ୍)ଙ୍କର ପ୍ରଶାସନିକ ମଞ୍ଜୁରୀ ନ ଥାଇ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତିଙ୍କର ମାସକୁ ୩୦ ହଜାର ଟଙ୍କା ଦରମା, ୧୦ ହଜାର ଟଙ୍କା ଘରଭଡା, ୧ ହଜାର ଟଙ୍କା ଟେଲିଫୋନ ବାବଦ ଦେୟ ଦେବାକୁ ସାଧାରଣ ସଭାରେ ନିଷ୍ପତ୍ତି କରାଯାଇ ନେଉଛନ୍ତି । ବୋର୍ଡ ଅଫ୍ ଡାଇରେକ୍ଟର ପରିବାରକୁ ଇନ୍ସୁରାନ୍ସ କରାଇବା ମଧ୍ୟ ବେଆଇନ । ସେହିପରି ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ବେଆଇନ ଭାବେ ୭୦ ଲକ୍ଷ ପ୍ରଦାନ କରି ପୁଣି ୧କୋଟି ୪୦ ଲକ୍ଷ ବେଆଇନ ଭାବେ ଦିଆ ଯାଇଛି । ଅପରପକ୍ଷେ ୩କୋଟି ୨୦ ଲକ୍ଷରୁ ଅବଶିଷ୍ଟ ଟଙ୍କା ଦେବା ପାଇଁ ପ୍ରୟାସ ଜାରି ରହିଛି । ଯାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

୩୬୨ କୋଟି ଟଙ୍କାର ଇନ୍‌କମ ଟ୍ୟାକ୍ସ ଠକେଇକୁ ଘୋଡାଇବା ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ମନଇଛା ଟଙ୍କା ଖର୍ଚ୍ଚ କରି ଚାଲିଛି । ଏଣୁ ଗୋଟିଏ ଦୁର୍ନୀତିକୁ ରୋକିବା ପାଇଁ ଭିନ୍ନ ଭିନ୍ନ ଅନିୟମିତ କରାଯାଉଛି, ଏହାଦ୍ୱାରା ବ୍ୟାଙ୍କରେ ତାଲା ଝୁଲିବାର ପରିସ୍ଥିତି ହୋଇପାରେ ବୋଲି ଦର୍ଶାଯାଇଛି । ବ୍ୟାଙ୍କର ପୂର୍ବତନ ଡାଇରେକ୍ଟର ନସିର ଅହମ୍ମମ କୁହନ୍ତି, ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ଅନିୟମିତାକୁ ଆଖି ଆଗରେ ରଖି ଇଡି ଦ୍ୱାରା ତଦନ୍ତ କରାଯାଇ ଅନିୟମିତତାରେ ସଂପୃକ୍ତ ଥିବା ଅଧିକାରୀ, କର୍ମଚାରୀ, ରାଜନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ କୁହନ୍ତି, ବ୍ୟାଙ୍କରେ କିଛି ଦୁର୍ନୀତି ହୋଇ ନାହିଁ । କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତିଙ୍କର ମାସକୁ ୩୦ ହଜାର ଟଙ୍କା ଦରମା, ୧୦ ହଜାର ଟଙ୍କା ଘରଭଡା, ୧ ହଜାର ଟଙ୍କା ଟେଲିଫୋନ ବାବଦ ଦେୟ ଦେବାକୁ ସାଧାରଣ ସଭାରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ମୁଁ ନେଇ ନାହିଁ । ପୁଣି ଇନ୍ସୁରାନ୍ସରେ କିଛି ଅନିମୟିତତା ହୋଇ ନାହିଁ । ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ପ୍ରଦାନ କରାଯାଇଥିବା ଫିସ ନିତି ନିୟମ ଭିତରେ ପ୍ରଦାନ କରାଯାଇଛି । ବ୍ୟାଙ୍କର କ୍ଷତି ହେଲା ଭଳି ନିଷ୍ପତ୍ତି କିଛି ନିଆଯାଇ ନାହିଁ ବୋଲି କହିଛନ୍ତି ।

**ତଦନ୍ତକୁ ସ୍ୱାଗତ କଲେ ଡାଇରେକ୍ଟର:** ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଡାଇରେକ୍ଟର ସନ୍ୟାସୀ ପ୍ରଧାନ କୁହନ୍ତି, ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ଦପ୍ତର ଦ୍ୱାରା ୨୦୦୬ରେ ଗୋଟିଏ ପାର୍ନ କାର୍ଡ ହୋଇଥିବାବେଳେ ୨୦୧୨ରେ ଅନ୍ୟ ଏକ ପାନ କାର୍ଡ ହୋଇଥିଲା । ସେହିଭଳି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଦଶପଲ୍ଲା ଶାଖାରେ ତୃତୀୟ ପାନ୍‌କାର୍ଡ କରାଯାଇଥିଲା । ବ୍ୟକ୍ତି ହୁଅନ୍ତୁ ବା ଅନୁଷ୍ଠାନ ଜଣଙ୍କ ପାଇଁ ଗୋଟିଏ ପାର୍ନ କାର୍ଡ କରିବାକୁ ନିୟମ ଥିବାବେଳେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ୩ଟି ପାନ କାର୍ଡ କରିଥିବା ଜଣାପଡିଥିଲା । ୩ ପାନ କାର୍ଡ କରାଯାଇ ଇନ୍‌କମ ଟ୍ୟାକ୍ସକୁ ଲୁଚାଇବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିଲା । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ସମ୍ପାଦକମାନେ ଏଭଳି ବେଆଇନ କାର୍ଯ୍ୟ କରିଥିବାରୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କକୁ ୩୬୨ କୋଟି ୫୬ ଲକ୍ଷ ୪୨ ହଜାର ୭୬୩ ଟଙ୍କା ଦେବାକୁ ଆୟକର ବିଭାଗ ନୋଟିସ୍ ହୋଇଥିଲା । ଏହି ନୋଟିସ୍ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ହୋଇଛି । ଫାଇନ ବାବାଦ ୩୬୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଦେବାରେ ବିଳମ୍ବ କରିବାରୁ ବ୍ୟାଙ୍କର ସମସ୍ତ ଆକାଉଣ୍ଟକୁ ଆୟକର ବିଭାଗ ସିଜ୍ କରିଥିଲା । ଯଦ୍ୱାରା ବ୍ୟାଙ୍କରେ ତାଲା ଝୁଲିବାକୁ ଯାଉଥିଲା । ଏଭଳିସ୍ଥିତିରେ ବ୍ୟାଙ୍କର ପରିଚାଳନା ପରିଷଦ ରେଜିଷ୍ଟରଙ୍କ ଠାରୁ ଅନୁମତି ଆଣି ଚାଟାର୍ଡ ଆକାଉଣ୍ଟାଣ୍ଟ ଓ ଓକିଲ ନିଯୁକ୍ତି କରିଥିଲେ । ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ ଓ ଓକିଲଙ୍କ ଫିସ ବାବଦ ଦେୟ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଏମ୍‌ଡି ତଥା ରେଜିଷ୍ଟ୍ରରଙ୍କ ବଜେଟାରୀ ମଞ୍ଜୁରୀ ପ୍ରାପ୍ତ କରି ଲ ବାବଦ ଖର୍ଚ୍ଚ କରାଯାଇ ବ୍ୟାଙ୍କର ଆକାଉଣ୍ଟକୁ ସଚଳ କରାଯାଇଛି । ଚାଟାର୍ଡ ଆକାଉଣ୍ଟାଣ୍ଟ ଓ ଓକିଲଙ୍କର ଫିସ ବାବଦ ଦେୟ ୧ ପ୍ରତିଶତ ଖର୍ଚ୍ଚ ବହନ କରିବାକୁ ସାଧାରଣ ସଭାରେ ନିଷ୍ପତ୍ତି ହୋଇଛି । ସଭାପତିଙ୍କର ଦରମା ଓ ଭତ୍ତା ଦେବା ପାଇଁ ସାଧାରଣ ସଭାରେ ମଞ୍ଜୁର ମିଳିଥିଲେ ହେଁ ଦିଆଯାଇନାହିଁ । ବୋର୍ଡ ଅଫ ଡାଇରେକ୍ଟର ପରିବାରକୁ ଇନ୍ସୁରାନ୍ସ ବାବଦ ପ୍ରିମିୟମ ଦାଖଲ ହୋଇଛି । ଯାହାକି ଆଇନ ସମ୍ମତ ବୋଲି କହିଛନ୍ତି । ବ୍ୟାଙ୍କର କ୍ଷତି ହେଲା ଭଳି କାର୍ଯ୍ୟ କିଛି କରାଯାଇ ନ ଥିବାରୁ ସବୁ ପ୍ରକାର ତଦନ୍ତକୁ ସ୍ୱାଗତ କରାଯାଉଛି ।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଶରଣକୁଳ,୧।୮(ଦୀପକ କର): ଶରଣକୁଳନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ କୁମାର ଦାଶ, ବରିଷ୍ଠ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ ବହୁ ଶିକ୍ଷାବିତ୍ , ପରିଚାଳନା କମିଟି ସଭ୍ୟାସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ପ୍ରଜ୍ଞା ପାରମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନାର୍ଦ୍ଦନ ପରିଡ଼ା, ନିରୁପମା ସାହୁ, ଚନ୍ଦନ ମଲିକ, ଗୋଦାବରୀ ବସନ୍ତିଆ, ଆଲୋକ ମଲିକ, ଦାମୋଦର ସାହୁ, ଜଗନ୍ନାଥ ବେହେରା, ମମତା ମିଶ୍ର, ରଶ୍ମିତା ବେହେରା, ସସ୍ମିତା ସାହୁ, ଶୁଭସ୍ମିତା ସାହୁ, ସୁନିତା ସାହୁ, ରାଜେଶ୍ୱରୀ ଡାକୁଆ, ପ୍ରୀତି ମଞ୍ଜରୀ ସ୍ୱାଇଁ, ରଞ୍ଜନ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

### ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଓଡ଼ଗାଁ,୧।୮(ଆଦର୍ଶ କୁମାର ପଟ୍ଟନାୟକ) ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁବାର ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବଗ୍ରାହୀ କର ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ବ୍ୟାକରଣ ବିଭାଗ ଅଧ୍ୟାପିକା ସୁଷମାମଞ୍ଜରୀ ପାଣିଗ୍ରାହୀ, ସାହିତ୍ୟ ଅଧ୍ୟାପକ ସୁଶାନ୍ତ ବିଶୋୟୀ, ଦର୍ଶନ ଅଧ୍ୟାପକ ବିଜୟାନନ୍ଦ ଶତପଥୀ,ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ,ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଅବନୀକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ନୂତନ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କଲେଜର ନୀତି ନିୟମ ଓ ସୁନାମ ବ୍ୟାଘତ ନ କରିବାକୁ ସମସ୍ତ ଅଧ୍ୟାପକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

### ଫେରାର ଅଭିଯୁକ୍ତ ଗିରଫ

ଆର. ଉଦୟଗିରି, ୧।୮(ମନୋଜ କୁମାର ପାଢ଼ୀ): ଗଜପତି ଜିଲା ଆର. ଉଦୟଗିରି ଥାନା ନୂଆଲେଙ୍ଗେ ଗ୍ରାମର ନହସେନା ସିଂଙ୍କ ପୁତ୍ର କୁନା ସିଂ ୨୦୧୪ ମସିହାରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ହୋଇଥିଲେ। ଆର. ଉଦୟଗିରି ପୋଲିସ ଗୁରୁବାର ତାଙ୍କୁ ପାରଳାଖେମୁଣ୍ଡିରୁ ଗିରଫ କରିଛି। ଆର.ଉଦୟଗିରି ଥାନା କେସ ନମ୍ବର ୨୪/୧୪ସହ ଦଫା ୩୬୬/୩୭୬(୨)(I)(ଏନ)/୨୯୫/୫୦୬ଆଇପିସି/୦୬ ପୋସ୍କୋ ଧାରା ଅନୁଯାୟୀ ଗିରଫ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

### ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଅଚଳ

ଛତ୍ରପୁର,୧।୮(ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅଧିନ ସାମନ୍ତରାପୁର ଗାଁରେ ଜଳକଷ୍ଟ ଦେଖିବାକୁ ମିଳିଛି। ଏଠାରେ ଥିବା ଏକମାତ୍ର ସୋଲାର ଚାଳିତ ଜଳଯୋଗାଣ ପ୍ରକଳ୍ପ ଗତ ୫ ଦିନ ହେଲା ଅଚଳ ହୋଇପଡିଛି । ଫଳରେ ଗାଁର ଲୋକମାନେ ପିଇବା ପାଣିରୁ ବଂଚିତ ହୋଇଛନ୍ତି। ଗାଁର ପୋଖରୀ ଓ କୂଅର ଦୂଷିତ ପାଣି ପିଇବାକୁ ଲୋକେ ବାଧ୍ୟ ହେଉଛନ୍ତି। ବର୍ଷାଦିନ ଯୋଗୁଁ ଏପରି ଦୂଷିତ ପାଣି ପିଇ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେବା ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ସାମନ୍ତରାପୁର ଗାଁର ପାନୀୟ ଜଳ ଯୋଗାଇବା ପାଇଁ ଏକ ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଓରେଡା ପକ୍ଷରୁ ସ୍ଥାପନ ହୋଇଥିଲା। ୫ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ସ୍ଥାପନ କରି ପାଇପ ଦ୍ୱାରା ଲୋକଙ୍କୁ ପାଣି ମିଳୁଥିଲା । ତେବେ ଏହା ଅଚଳ ପରେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ଗାଁର ୨ ଟି ୱାର୍ଡରେ ଥିବା ୪୫୦ ଲୋକେ ପିଇବା ପାଣି ପାଇଁ ଉକ୍ତ ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରିଆସୁଛନ୍ତି।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି



ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀବୃନ୍ଦ ।

ଦଶପଲ୍ଲା,୧।୮(ପ୍ରକାଶ କୁମାର ପାଣି) ଗୁରୁବାର ଦଶପଲ୍ଲା ଏନ୍‌ଏସି ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ନିର୍ବାହୀ ଅଧିକାରୀ ଚନ୍ଦ୍ର ଶେଖର ବାରିକ,ଏନ୍‌ଏସି ଅଧ୍ୟକ୍ଷା ଇଂ.ପୁନମ ପ୍ରିୟଦର୍ଶିନୀ, ମ୍ୟୁନିସପାଲ ଇଞ୍ଜିନିୟର ଅଶୋକ କୁମାର ଦଳବେହେରାଙ୍କ ସମେତ ସମସ୍ତ କାଉନସିଲର୍ ଯୋଗ ଦେଇଥିଲେ । ଆସନ୍ତା ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ପ୍ରତିବର୍ଷ ପରି ରାମଧୂନ, ପ୍ରଭାତଫେରୀ ପରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ ସହିତ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି। ଦଶପଲ୍ଲା ହାଟ ପଡିଆ ନିକଟସ୍ଥ ନେତାଜୀ ମଇଦାନରେ ସକାଳ ୯ ଟା ୧୫ ମିନିଟ ସମୟରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଜାତୀୟ ପତାକା ଉତ୍ତୋଳନ କରିବେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ୟାରେଡ ଅନୁଷ୍ଠିତ ହେବ । ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ମଧ୍ୟ ପ୍ରଦର୍ଶିତ ହେବ । ବ୍ଲକସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଏହି ଦିବସରେ ସମ୍ମାନିତ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା ।

## ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୧।୮ (ଅଜୟ କୁମାର ମହାରଣା) ଖଣ୍ଡପଡ଼ାସ୍ଥିତ ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଦାମୋଦର ଶତପଥୀ, ଶିକ୍ଷୟିତ୍ରୀ ରୁପ କୁମାରୀ ଦେବୀ ଯୋଗ ଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ବହୁମୁଖୀ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟର ସାମଗ୍ରୀକ ବିକାଶ କାର୍ଯ୍ୟ କରାଯାଇଥିବା ସଂପର୍କରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ମତବ୍ୟକ୍ତ କରିଥିଲେ। ମନୋଜ କୁମାର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ମିଶ୍ରଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ବିନାୟକ ମିଶ୍ରଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ପ୍ରଧନ ଶିକ୍ଷକ ମିଶ୍ରଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା ।

## ଖଣ୍ଡପଡ଼ା ଏନ୍‌ଏସି ଚେୟାରମ୍ୟାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଫେରାଦ

### ଜିଲାପାଳଙ୍କୁ ଦାବି ଜଣାଇଲେ ୯ କାଉନସିଲର

ନୟାଗଡ଼,୧।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ଉପାଧ୍ୟକ୍ଷ ମିହିରି ମିଶ୍ରଙ୍କ ସମେତ ୯ କାଉନସିଲର ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି । ଗତ ପୌର ନିର୍ବାଚନରେ ଖଣ୍ଡପଡ଼ା ଏନଏସିରେ ଜଣେ ୱାଡ଼ ସଭ୍ୟ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟ ୧୨ଟି ୱାର୍ଡ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରୁ ସ୍ୱାଧୀନ ଭାବେ ଦୁଇ ଜଣ, ଭାଜପାରେ ଜଣେ ଏବଂ ବିଜେଡିର ୮ ଜଣ ନିର୍ବାଚିତ ହୋଇଥିଲେ । ବିଜେଡି କାଉନସିଲର ସଂଖ୍ୟା ୧୩ରୁ ୯ ରହିଥିଲା । କିନ୍ତୁ ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ପଦବୀରେ ସ୍ୱାଧୀନ ପ୍ରାର୍ଥୀ ଆରତୀ ପ୍ରଧାନ ବିଜୟୀ ହୋଇଥିଲେ । ବିଜେଡି ଏନଏସି ନିର୍ବାଚନରେ ଉପାଧ୍ୟକ୍ଷ ପଦବୀ ଅକ୍ତିଆର କରି ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନିର୍ବାଚନ ପରଠାରୁ ଖଣ୍ଡପଡ଼ା ଏନଏସିରେ ବାଦ ବିବାଦ ଲାଗି ରହୁଥିଲା । ଅଢ଼େଇ ବର୍ଷ ମଧ୍ୟରେ ଅନେକ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରିବର୍ତ୍ତନ ହୋଇଥିବା ବେଳେ ଉନ୍ନୟନ ମୂଳକ କାର୍ଯ୍ୟରେ ମନମୁଖୀ କରାଯାଉଥିଲା । ଖଣ୍ଡପଡ଼ବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଏନଏସି ବିଫଳ ହେଉଥିଲା । ସହରର ସଫେଇ, ଡ୍ରେନେଜ ସମସ୍ୟା, ରାସ୍ତାଘାଟ ଉନ୍ନତୀକରଣ, ପାନୀୟ ଜଳ ସମସ୍ୟା ଭଳି ଅନେକ କାର୍ଯ୍ୟକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଥିଲା । ଖଣ୍ଡପଡ଼ା ଏନଏସିରେ ରାଶନ କାର୍ଡ, ଭତ୍ତା, ଆବାସ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅବହେଳା କରାଯାଇଥିବା ଅଭିଯୋଗ ହୋଇ ଆସୁଛି । ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଆଳରେ ଅନେକ ଅର୍ଥ ଅପବ୍ୟୟ କରାଯାଇଥିବା ଅଭିଯୋଗ ରହିଛି। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ଅନେକ କାର୍ଯ୍ୟ କରାଯିବାକୁ ଯୋଜନା ରହିଥିବା ବେଳେ ସେ ସବୁ ଅଧୁରା ଅବସ୍ଥାରେ ପଡ଼ି ରହିଛି। ଏ ନେଇ ବିଜେଡି କାଉନସିଲରମାନେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦୁଇଦିନ ତଳୁ ପ୍ରସ୍ତୁତି ଚଳାଇଥିଲେ।

## ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ



ଖଣ୍ଡପଡ଼ା,୧।୮ (ଅଜୟ କୁମାର ମହାରଣା) ଖଣ୍ଡପଡ଼ା ସହର ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଅନୁଷ୍ଠାନର ଇତିହାସ, ନୀତି ନିୟମ ଓ ଚଳିତ ଶିକ୍ଷାବର୍ଷର ପାଠ୍ୟକ୍ରମ, ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା, ଅଧ୍ୟାପକମାନେ ନିଜର ପାଠ୍ୟକ୍ରମ ସଂକ୍ରାନ୍ତରେ ନବାଗତା ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିବା ସହିତ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ନୂତନ ଛାତ୍ରୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଅଧ୍ୟକ୍ଷା ମହାପାତ୍ର ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨୧୪ ଜଣ ଛାତ୍ରୀ ଯୁକ୍ତ ୨ ଶ୍ରେଣୀରେ ନାମ ଲେଖାଇଛନ୍ତି ।

## ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ତାଲିମ ବ୍ୟବସ୍ଥା

ଦଶପଲ୍ଲା,୧।୮ (ପ୍ରକାଶ କୁମାର ପାଣି): ଗୁରୁବାର ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ଦୃଷ୍ଟିହୀନ, ଚଳନଶକ୍ତି ରହିତ ,ଶ୍ରବଣ ଶକ୍ତିହୀନ ଯୁବକ ଯୁବତୀଙ୍କ ନିଜସ୍ୱ ପସନ୍ଦ ଅନୁଯାୟୀ ବିଭିନ୍ନ ବିଭାଗରେ ତାଲିମ ଦେଇ ସେମାନଙ୍କୁ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ଦଶପଲ୍ଲା ବ୍ଲକ ପରିସରରେ ଏକ ବିଭାଗ ପସନ୍ଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯିଏ ଯେଉଁ ବିଭାଗରେ ଯିବାକୁ ପସନ୍ଦ କରିବେ ସେହି ବିଭାଗରେ ତାଙ୍କୁ ୩ ମାସ ସବୈତନିକ ତାଲିମ ଦିଆଯିବା ପରେ କର୍ମନିଯୁକ୍ତି ଦିଆଯିବା ପାଇଁ ସୁପାରିଶ କରାଯାଇଛି । ଏହି ବୈଠକରେ ନୂଆଗାଁ, ଗଣିଆ, ଦଶପଲ୍ଲା ବ୍ଲକରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଆଦିପତି କହଁର, ଏବିଡିଓ ସାରଦା ପ୍ରସାଦ ମହାନ୍ତି, ଭୁବନେଶ୍ୱର ଭାରତୀ ବିଦ୍ୟାଭବନର ନିର୍ଦ୍ଦେଶକ ଆର୍.ଏନ.ପଟ୍ଟନାୟକ, ଡିଜାବଲ ରିଲିଫ ଅର୍ଗାନାଇଜେଶନର ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଦଶପଲ୍ଲା ବ୍ଲକ ସମାଜ କଲ୍ୟାଣ ଅଧିକାରୀ ପ୍ରିୟରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିଶ୍ଚନ୍ଦ୍ର ଯୋଜନାରେ ୨୪ ଜଣଙ୍କୁ ଆର୍ଥିକ ସହାୟତା



**ଖଣ୍ଡପଡ଼ା,୧।୮ (ଅଜୟ କୁମାର ମହାରଣା)** ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ୨୪ ଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସରପଞ୍ଚ ଫକୀର ମୋହନ ଦାସ ପ୍ରତ୍ୟେକ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଲେଖାଁଏ ପ୍ରଦାନ କରିଥିଲେ ।

## ଜାଲ୍ ମୃତ୍ୟୁ ସାର୍ଟିଫିକେଟ ଦେଇ ଜେଲ ଗଲେ ଯୁବକ

### ଜାଲ୍ ସାର୍ଟିଫିକେଟ ପ୍ରସ୍ତୁତି ସାମଗ୍ରୀ ଜବତ

ନୟାଗଡ଼,୧।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଜାଲ୍ ମୃତ୍ୟୁ ସାର୍ଟିଫିକେଟ ତିଆରି କରିବା ଅଭିଯୋଗରେ ଗୁରୁବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଏଥିସହିତ ଜାଲ୍ ସାର୍ଟିଫିକେଟ ତିଆରି କରିବା ଘଟଣାରେ ବ୍ୟବହାର କରାଯାଇଥିବା କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗିରଫ ଯୁବକ ଜଣକ ହେଲେ ନୂଆଗାଁ ନୂଆସାହିର ସଞ୍ଜୟ କୁମାର ମହାନ୍ତି (୩୬)। ନୂଆଗାଁ ଥାନା ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ମୁତାବକ, ସଞ୍ଜୟ ନିଜ ଘର ନିକଟରେ ବହି ଦୋକାନ କରି ସେଠାରେ ଅନ୍‌ଲାଇନରେ ବିଭିନ୍ନ ସାର୍ଟିଫିକେଟ ପାଇଁ ଆବେଦନ କରିଥାଆନ୍ତି। ମହିତମା ଗ୍ରାମର ଜାନକୀ ନିଶଙ୍କ ସ୍ୱାମୀ ଅମୂଲ୍ୟ ନିଶଙ୍କ ୨୦୨୩ ସେପ୍ଟେମ୍ବର ୧୨ରେ ପରଲୋକ ହୋଇଥିଲା। ତାଙ୍କର ମୃତ୍ୟୁ ସାର୍ଟିଫିକେଟ ଆବଶ୍ୟକ ପଡିବାରୁ ସେ ସଞ୍ଜୟଙ୍କ ସହ ଯୋଗାଯୋଗ କରିଥିଲେ । ସଞ୍ଜୟ ଜାନକୀଙ୍କଠାରୁ ୧ ହଜାର ଟଙ୍କା ନେଇ ମୃତ୍ୟୁ ସାର୍ଟିଫିକେଟ ନମ୍ବର ୫୪୧/୨୦୨୩ ତାଙ୍କୁ ପ୍ରଦାନ କରିଥିଲେ । ଆବଶ୍ୟକ ପଡିବାରୁ ଆବେଦନକାରୀ ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟରେ ସେହି ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଶ୍ରମ କାର୍ଯ୍ୟାଳୟରେ ଯାଞ୍ଚ ସମୟରେ ଏହି ସାର୍ଟିଫିକେଟ ଜାଲ୍ ବୋଲି ବିଭାଗୀୟ ଅଧିକାରୀ ଜାଣିବାକୁ ପାଇଥିଲେ । ଏପରି କି ସେଥିରେ ଦିଆଯାଇଥିବା କ୍ୟୁଆର କୋଡ୍ ଜଣେ ଶିଶୁଙ୍କ ଜନ୍ମ ସାର୍ଟିଫିକେଟର ବୋଲି ଜଣାପଡିଥିଲା । ବିଭାଗ ପକ୍ଷରୁ ଏନେଇ ତଦନ୍ତ ହେବା ପରେ ଜାନକୀ ଏହି ମୃତ୍ୟୁ ସାର୍ଟିଫିକେଟକୁ ନୂଆଗାଁର ସଞ୍ଜୟଙ୍କ ଦୋକାନରୁ ବାହାର କରିଥିବା ଜଣାପଡିଥିଲା । ଏଥିସହିତ ସାର୍ଟିଫିକେଟରେ ଯେଉଁ ହସ୍ପିଟାଲରେ ଅମୂଲ୍ୟଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି, ସେହି ନାମରେ କୌଣସି ହସ୍ପିଟାଲ ନ ଥିବା ଜଣାପଡିଥିଲା । ଏନେଇ ନୟାଗଡ଼ ଜିଲା ଶ୍ରମ ବିଭାଗ ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କଠାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା । ଉକ୍ତ ଜାଲ ସାର୍ଟିଫିକେଟ ଦେଇଥିବା ସଞ୍ଜୟଙ୍କୁ ନୂଆଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥି ସହିତ ସାର୍ଟିଫିକେଟ ତିଆରିରେ ବ୍ୟବହାର କରାଯାଇଥିବା କମ୍ପ୍ୟୁଟର , ପ୍ରିଣ୍ଟର ଆଦିକୁ ଜବତ କରାଯାଇଛି ।

# ଖୋଲିଲା ଭିତରକନିକା, ପ୍ରଥମଦିନରେ ୫୪ ପର୍ଯ୍ୟଟକ

ରାଜନଗର, ୧।୮
(ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଗୁରୁବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିଛି। ଦୀର୍ଘ ୩ମାସ ପରେ ଖୋଲିଥିବାରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଥମ ଦିନରେ ଭିତରକନିକା ବୁଲି ଆସିଥିବା ୫୪ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ବନ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଭିତରକନିକାକୁ ପଲିଥିନ ମୁକ୍ତ କରିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ବୁଝାଇଥିଲେ। ଏଥିସହ ପଲିଥିନ କିପରି ଜୀବଜନ୍ତୁ ଓ ଜୈବ ବିବିଧତା ଉପରେ ପ୍ରଭାବ ପକାଉଛି ସେ ସମ୍ପର୍କ କହିଥିଲେ। ପର୍ଯ୍ୟଟକମାନଙ୍କୁ କାଗଜ ଓ କପଡା ବ୍ୟାଗ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ସେମାନେ ଆଣିଥିବା ସାମଗ୍ରୀ ନେବା ପାଇଁ କହିବା ସହ ପ୍ଲାଷ୍ଟିକ ପାଣି ବୋତଲ ଜାତୀୟ ଉଦ୍ୟାନ ମଧ୍ୟକୁ ଛଡା ଯାଇନାହିଁ। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ଏସିଏଫ ମାନସ କୁମାର ଦାସ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ସୁନୀଲ ରଞ୍ଜନ ରାଉତରାୟ, ହେମନ୍ତ କୁମାର ପାଣିଗ୍ରାହୀ, ଯଶୋବନ୍ତ ବେହେରା, ରବି ସିଂ, ଇଡିସି ସଭାପତି ପ୍ରଭାତ କୁମାର ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଫରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ,ପ୍ରକାଶ ଦାସ, ଇକୋ ଡେଭଲପମେଣ୍ଟ କମିଟିର ଗିରୀଶ ନାୟକ, ଖଗେଶ୍ୱର ଲେଙ୍କା ଓ ବିଭିନ୍ନ ଏସ୍ଏଚଜି ଗୋଷ୍ଠୀର ମହିଳାମାନେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ ଜଣାଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର ନବୀନ କୁମାର ମଲ୍ଲିକଙ୍କ ସମେତ ବନ କର୍ମଚାରୀ ଓ ବୋଟ ଆସୋସିଏଶନର କର୍ମକର୍ତ୍ତାମାନେ ପର୍ଯ୍ୟଟକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଦେଇ ସ୍ୱାଗତ କରିଥିଲେ।

ସୂଚନାଯୋଗ୍ୟ, ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ଯାଏ ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଗୁରୁବାରଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଖୋଲାଯାଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ଏଣ୍ଟ୍ରି ପଏଣ୍ଟ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ପ୍ରଥମ ଦିନରେ ସ୍ଥଳପଥରେ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଭିତରକନିକାକୁ ୪ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟରେ ୪ଜଣ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟରେ ୧୦ଜଣ ଓ ଚାନ୍ଦବାଲିରୁ ଦୁଇଟି ବୋଟରେ ୩୬ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ଡାଙ୍ଗମାଳଠାରେ ନିର୍ମାଣ ହୋଇଥିବା ୧୫ ଫୁଟ ଉଚ୍ଚ ଓ ୬୦୦ ମିଟରର ସ୍କାଏ ବ୍ରିଜ୍ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିଲା।



ପ୍ରଥମ ଦିନରେ ଭିତରକନିକାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବନ ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ହାସିମ୍



@ ରମେଶ





@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଡ଼ା ସୁରକ୍ଷାରେ ଭ୍ୟୁ ଟାୱାର ଭଙ୍ଗା ଆରମ୍ଭ



ପ୍ରଶାସନ ପକ୍ଷରୁ ବାଡ଼ ବୁଜାଯାଇ ଶିଆଳିରେ ଥିବା ଅସୁରକ୍ଷିତ ଭ୍ୟୁ ଟାୱାର ଭଙ୍ଗାଯାଉଛି।

ଏରସମା,୧।୮ (ଦୀପ୍ତି ଖଣ୍ଡୁଆଳ)

**ସମୁଦ୍ର ଜଳପତ୍ତନ ବୃଦ୍ଧି ଘଟଣା**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ପର୍ଯ୍ୟଟନ କ୍ଷେତ୍ର ଶିଆଳିଠାରେ ସମୁଦ୍ର ଜଳପତ୍ତନ ଆଶାତୀତ ବୃଦ୍ଧି ପାଇଛି। ଗୁରୁବାର ଏରସମା ବ୍ଲକ ପ୍ରଶାସନ ଓ ଆର ଆଣ୍ଡ ବି ପକ୍ଷରୁ କଡ଼ା ସୁରକ୍ଷା ମଧ୍ୟରେ ଲୁଣା ଜୁଆର ମାଡରେ ଭୁଶୁଡି ପଡ଼ିଥିବା ଭ୍ୟୁ ଟାୱାରକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଲମ୍ବୋଦର ଖୁଣ୍ଟିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ସ୍ୱାଇଁଙ୍କ ଉପସ୍ଥିତିରେ ଟାୱାରର ଫାଟକ, ଝରକା ଗ୍ରିଲ, ଦରଜା, ଛାତର ବାଡ଼ା ଭଙ୍ଗାଯାଇଛି। ପର୍ଯ୍ୟଟକମାନେ ସେଠାକୁ ନ ଯିବା ପାଇଁ ଟାୱାର ଚାରିପଟେ ବାଉଁଶ ଓ କଣ୍ଟା ତାର ବାଡ ଘେରା ଯାଇଛି। ଶୁକ୍ରବାର ମେଶିନ ଦ୍ୱାରା ଭ୍ୟୁ ଟାୱାର ସମ୍ପୂର୍ଣ୍ଣ ଭଙ୍ଗାଯିବ ବୋଲି ବିଡିଓ ଖୁଣ୍ଟିଆ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଲଗାଣ ବର୍ଷା ପ୍ରଭାବରେ ୨୯ ତାରିଖ ରାତିରେ ସମୁଦ୍ର ଭୟଙ୍କର ରୂପରେ କୂଳମୁହାଁ ହୋଇଥିଲା। ଲୁଣା ଜୁଆର ମାଡରେ ବେଳାଭୂମିର ଝାଉଁ ଜଙ୍ଗଲ କ୍ଷୟ ହେବାସହ ଭ୍ୟୁ ଟାୱାର ମୂଳଦୁଆ ଭୁଶୁଡି ପଡ଼ିଥିଲା।

# ବର୍ଷାରେ ଭୁଶୁଡ଼ିଲା ଘର

କାଏମା,୧।୮ (ଶିବପ୍ରସାଦ ମହାନ୍ତି):

**ସହାୟତାର ହାତ ବଢ଼ାଇଲା ଅଂଶୁମାନ ଟ୍ରଷ୍ଟ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତର ଶରତ ତରାଇଙ୍କ ଚାଳଘର ବର୍ଷାରେ ଭୁଶୁଡ଼ି ପଡ଼ିଛି। ଶରତ ଅଖା ସିଲେଇ କାମ କରି ଘର ଚଳାନ୍ତି। ସବୁ ସମୟରେ ମଧ୍ୟ କାମ ମିଳେନାହିଁ। ଶରତଙ୍କ ପରିବାର କହିଲେ ସ୍ତ୍ରୀ ଝିଲି ତରାଇଙ୍କ ସହ ଦୁଇ ଝିଅ ଓ ଜଣେ ପୁଅ। ପରିବାରର ଜଣେ ରୋଜଗାରରେ ପାଞ୍ଚ ଜଣ ଚଳିବା ବହୁ କଷ୍ଟକର। ସରକାରୀ ସହାୟତା ବାବଦକୁ ୨୫ କିଲୋ ରାଶନ ଚାଉଳ ମିଳୁଛି। କୋଡ଼ିଏ ବର୍ଷରୁ ଅଧିକ ହେବ ଆବାସ ଯୋଜନାରେ ଶରତ ୨ କିସ୍ତି ଟଙ୍କା ପାଇଥିଲେ। ମାତ୍ର ଶରତଙ୍କ ଦେହ ଅସୁସ୍ଥ ଥିବାରୁ ସେ ଟଙ୍କା ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଛି। ଘର କରିବା ଶରତଙ୍କ ପକ୍ଷେ ସମ୍ଭବ ହୋଇ ପାରିନାହିଁ। ଫଳରେ ଏହି ଚାଳଘର ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଶରତ ଘରୋଇ ସଂସ୍ଥାରୁ ଋଣ ଆଣି ଏକ ବଖରା ଆଜବେଷ୍ଟସ୍ ଘର କରିଛନ୍ତି। ସେହି ଘରେ ସମସ୍ତେ ଶୋଉଛନ୍ତି। ଅନ୍ୟପକ୍ଷରେ ଶରତଙ୍କ ଦୁଇ ଝିଅ ବଡ଼ ହେଲେଣି। ତାଙ୍କ ବାହାଘର ଚିନ୍ତା ମୁଣ୍ଡ ଉପରେ ରହିଥିବାବେଳେ ଘର ଭୁଶୁଡ଼ି ପଡ଼ିବା ଶରତଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଏ ଘଟଣାର ଖବର ପାଇ ସ୍ଥାନୀୟ ଅଂଶୁମାନ ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି ଶରତଙ୍କ ଅବସ୍ଥା ବିଷୟରେ ଆଲୋଚନା କରିବା ସହ ଜରି ପାଲ ଓ କିଛି ରାଶନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଆଗାମୀ ଦିନରେ ଆବାସ ଯୋଗାଇ ଦେବା କ୍ଷେତ୍ରରେ ସହଯୋଗ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଶରତ କହିଛନ୍ତି।



ବର୍ଷାରେ ମାଟି କାନ୍ଥ ବଉରି ଚାଳ ଘର ଭାଙ୍ଗି ପଡିଛି।

# ପ୍ରଥମ ୪ ମାସରେ ୫୦ ଏମ୍ଏମ୍ଟି ପଣ୍ୟ କାରବାର ରେକର୍ଡ



ପାରାଦୀପ,୧।୮ (ଶରତ ରାଉତ)

**ପାରାଦୀପ ବନ୍ଦର**
- ପୂର୍ବ ବର୍ଷ ତୁଳନାରେ ୫.୧୬% ଅଭିବୃଦ୍ଧି

ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ରେକର୍ଡ ସଂଖ୍ୟକ ୫୦.୧୬ ଏମ୍ଏମ୍ଟି(ମିଲିୟନ ମେଟ୍ରିକ୍ ଟନ)ପଣ୍ୟ କାରବାର କରିଛି। ଜୁଲାଇ ୩୧ ସୁଦ୍ଧା ଏହି ପରିମାଣ ହୋଇଛି। ପୂର୍ବ ବର୍ଷ ତୁଳନାରେ ୫.୧୬ ପ୍ରତିଶତ ଅଭିବୃଦ୍ଧି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରି ସଫଳତା ଅଧିକ ଆତ୍ମବିଶ୍ୱାସ ଆଣିଛି ବୋଲି ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କହିଛନ୍ତି। ଏଥିରେ ପୋର୍ଟ ଟିମ୍ ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ଭୂମିକା ରହିଛି। ସେଥିପାଇଁ ସମସ୍ତ ବ୍ୟବହାରକାରୀ ସଂସ୍ଥାଗୁଡିକୁ ଅଧ୍ୟକ୍ଷ ହାରାନ୍ଧ କୃତଜ୍ଞତା ଜଣାଇଛନ୍ତି।

# ଭିତରକନିକା ଇକୋ ସେନ୍ସିଟିଭ୍ ଜୋନ୍ ସମ୍ପ୍ରସାରଣ ବିରୋଧରେ ହେବ ଲଢ଼େଇ

ରାଜକନିକା, ୧।୮ (ସଞ୍ଜୟ କୁମାର ଦାଶ)

ଭିତରକନିକା ଅଭୟାରଣ୍ୟର ସୀମା ବୃଦ୍ଧି ସହ ଇକୋ ସେନ୍ସିଟିଭ୍ (ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ଜୋନ ସମ୍ପ୍ରସାରଣ ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ରାଜକନିକା ଅଞ୍ଚଳରେ ଜୋନ ସମ୍ପ୍ରସାରଣ ପ୍ରସଙ୍ଗକୁ ବିରୋଧ କରି ନାଗରିକ ଅଧିକାର ସୁରକ୍ଷା ସମିତିର ସମ୍ପାଦକ ବିଧାନ ଦାସଙ୍କ ଆବାହକତ୍ୱରେ କଣ୍ଟପଡାଠାରେ ବୈଠକ ହୋଇଥିଲା। କେନ୍ଦ୍ର ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ ନ କରି ପୁରାତନ ରେକର୍ଡକୁ ଭିତ୍ତିକରି କେନ୍ଦ୍ରାପଡ଼ା ଜିଲାର ୧୬୦ଟି ଗାଁକୁ ସାମିଲ କରିବା ପ୍ରସ୍ତାବକୁ ବୈଠକରେ ତୀବ୍ର ବିରୋଧ କରାଯାଇଛି। ଏଥିରେ ନିର୍ବାଚିତ ପ୍ରତିନିଧି, ସାମାଜିକ ସଙ୍ଗଠନ ପ୍ରତିନିଧି, ଚାଷୀ, ମହିଳା, ଛାତ୍ର ଓ ଯୁବକ ଯୋଗଦେଇ ଇକୋ ସେନ୍ସିଟିଭ୍ ଜୋନ ସମ୍ପ୍ରସାରଣକୁ ବିରୋଧ କରିଥିଲେ। ଏହା ବିରୋଧରେ ସ୍ୱାକ୍ଷର ସଂଗ୍ରହ ଓ କ୍ଷତିଗ୍ରସ୍ତ ଗାଁରେ ପ୍ରଚାର କରି ଲୋକଙ୍କୁ ସଚେତନ, ସଙ୍ଗଠିତ କରିବା, ଆପତ୍ତି ପାଇଁ ଥିବା ଶେଷ ତାରିଖ ପୂର୍ବରୁ ତହସିଲଦାର, ଜିଲାପାଳ, ଡିଏଫ୍ଓଙ୍କୁ ଡାକ ଓ ମେଲ ଦ୍ୱାରା କେନ୍ଦ୍ର ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ପଠାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆଗାମୀଦିନରେ ଜିଲାର କ୍ଷତିଗ୍ରସ୍ତ ବ୍ଲକଗୁଡିକର ଲୋକଙ୍କୁ ଏକାଠି କରି ପ୍ରକଳ୍ପକୁ ବିରୋଧ କରାଯିବ ବୋଲି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବ୍ଲକ କଂଗ୍ରେସ ସଭାପତି ମଞ୍ଜୁଳି ଚରଣ ବେହେରା, ସରପଞ୍ଚ ଦୁର୍ଯୋଧନ ମହାନ୍ତି, ସମିତି ସଭ୍ୟ ଶରତ ରାଉତ, ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜ, ସରପଞ୍ଚ ଲିଲିଭା ମଲ୍ଲିକ, ସାମାଜିକ କର୍ମୀ ରଞ୍ଜନ ସେଠୀ, ସରପଞ୍ଚ ମନୋରମା ନାୟକ, ଯୁବନେତା ପ୍ରଦୀପ ପଣ୍ଡା, କଂଗ୍ରେସ ନେତା ସନ୍ତୋଷ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନେତା ଭାଗୀରଥି ରାଉତ, ସରପଞ୍ଚ ସୀତାରାଣୀ ଦାସ, କୃଷକ ନେତା ଯୋଗେଶ୍ୱର ପ୍ରଧାନ, ସିପିଆଇ(ଏମ୍ଏଲ) ଜିଲା ସମ୍ପାଦକ ବିଧାନ ଦାସ, ସିପିଆଇଏମ୍ ନେତା କାଳୀ ପ୍ରସାଦ ନାୟକ, ନିରଞ୍ଜନ ନାୟକ, ଲକ୍ଷ୍ମଣ ନାୟକ, ନାରୀନେତ୍ରୀ ରତ୍ନମାଳା ବିଶ୍ୱାଳ, ସରୋଜିନୀ ବିଶ୍ୱାଳ, ଝରଣା ରାଉତ ଓ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ କହିଥିଲେ।

# ଲୋପ ପାଉଛି କାଡ଼ା ନାଳ

ପଟ୍ଟାମୁଣ୍ଡାଇ,୧।୮ (କଳ୍ପତରୁ ନାୟକ)

**କେନାଲ ପାଣି କ୍ଷେତରେ ପହଞ୍ଚୁନି**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ଖରିଫ ଚାଷ ବିଳମ୍ବରେ ଆରମ୍ଭ ହୋଇଛି। କେନାଲ ପାଣି ଡେରିରେ ଆସିବା ଓ ବର୍ଷା ପରିମାଣ କମ ହୋଇଥିବାରୁ ଚାଷୀ ହଇରାଣର ସମ୍ମୁଖୀନ ହେଉଥିଲେ। ବିଳମ୍ବରେ କେନାଲ ପାଣି ଆସିଥିଲେ ମଧ୍ୟ କାଡା (ସିଏଡି) ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଉପର ମୁଣ୍ଡ କ୍ଷେତରେ ପାଣି ପହଞ୍ଚି ପାରୁନାହିଁ। ଫଳରେ ସାଧାରଣ ଚାଷୀ ବର୍ଷା ଅପେକ୍ଷାରେ ରହିଥିବା ବେଳେ କିଛିଦିନ ଧରି ମୌସୁମୀ ଜନିତ ବର୍ଷା ଜାରି ହେବାରୁ ଚାଷ କାର୍ଯ୍ୟ ଜୋର ଧରିଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ, ଗୋବରୀ ସମ୍ପ୍ରସାରିତ କେନାଲ ଓ ତାହାର ଶାଖା କେନାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ପାଣି ଥାଇ ସୁଦ୍ଧା ପାଣି କ୍ଷେତକୁ ପହଞ୍ଚି ପାରୁନାହିଁ। ଚାଷୀମାନେ ବର୍ଷବର୍ଷ ଧରି ଜଳକର ଦେଇ ଆସୁଛନ୍ତି। ମାତ୍ର ମୁଖ୍ୟ କେନାଲରେ ପାଣି ଥିଲେ କାଡା କେନାଲ ଅବ୍ୟବସ୍ଥା ତଥା ମରାମତି କାର୍ଯ୍ୟର ଅବହେଳା ହେତୁ ପାଣି କ୍ଷେତକୁ ନ ମାଡ଼ି ଖାଲୁଆ ଜମିରେ ଲହଡି ମାରୁଛି। ଖରା ମାସରେ ପାଟ କେନାଲ, କାଡା ନାଳ ଏବଂ ଡ୍ରେନେଜ କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ଅଥଚ ଉପର ମୁଣ୍ଡ ଚାଷ ଜମିକୁ ପାଣି ଯାଉ ନ ଥିବାବେଳେ ତଳ କ୍ଷେତରେ ପାଣି ଜମି ଧାନ ଫସଲ ପଚି ନଷ୍ଟ ହେଉଛି। ଚାଷୀ ଅଜୟ ନାୟକ, ବିଘ୍ନେଶ୍ୱର ପ୍ରଧାନ, ବିଜୟ କୁମାର ମଲିକ, କାଙ୍ଗାଳୀ ଦାସ, ଅଭୟ ମଲିକ, ସୁରେନ୍ଦ୍ର ପରିଡା, କୁଞ୍ଜବିହାରୀ ନାୟକ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ କାଡା ବିଭାଗ ଅଧୀନ ଉତିକଣ ପାଟରେ ଥିବା ପାଟନାଳି ସବୁ ଦୀର୍ଘବର୍ଷ ହେବ ମରାମତି ଓ ନାଳି ପୁନରୁଦ୍ଧାର ନ ହେବାରୁ ୫ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ତଳିଆ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଫଳରେ ୧୫ ପଞ୍ଚାୟତବାସୀ ଚାଷ ପାଇଁ ହଇରାଣ ହେଉଛନ୍ତି। ଦୀର୍ଘବର୍ଷ ହେବ ଏହି କାଡା ପାଟନାଳି ସବୁ ପୋତି ହୋଇଯିବା ଫଳରେ ଜଳ କ୍ଷେତକୁ ପ୍ରବେଶ କରିପାରୁନାହିଁ। ପ୍ରତିବର୍ଷ ସରକାରୀ ରାଜକୋଷରୁ କାଡା ବିଭାଗ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ଚାଷୀମାନଙ୍କ ହିତରେ ଲାଗି ପାରୁନାହିଁ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଚକବନ୍ଦୀ ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳସେଚନ ଓ ଜଳନିକାଶ ବ୍ୟବସ୍ଥାର ସୁବିଧା କରାଯାଇଥିଲା। ପ୍ରତ୍ୟେକ ଚକକୁ କିଭଳି ପାଣି ପ୍ରବେଶ ଓ ନିଷ୍କାସନ ହୋଇପାରିବ ସେଥିପାଇଁ କାଡା ନାଳ ଖୋଳା ଯାଇଥିଲା। ବର୍ତ୍ତମାନ କାଡା ନାଳଗୁଡ଼ିକ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସ୍ଥାନରେ ପୋତି ହୋଇଗଲାଣି। ଏବେ କାଡା ନାଳ ସମ୍ପୂର୍ଣ୍ଣ ଲୋପ ପାଇ ଚାଲିଥିବା ଦେଖାଯାଇଛି। ଚାଷୀ ରଣଜିତ ପ୍ରଧାନ କୁହନ୍ତି, ଚାଷୀମାନଙ୍କ ଜଳସେଚନ, ନିଷ୍କାସନ ନିମନ୍ତେ ପାଣି ପଞ୍ଚାୟତ ଗଠନ କରାଯାଇଛି। ହେଲେ ଏବେ ପାଣି ପଞ୍ଚାୟତ କେବଳ କାଗଜକଲମରେ ଚାଲିଛି। ଅନ୍ୟପକ୍ଷେ ବିଭାଗ ଦ୍ୱାରା କାଡା ନାଳର ନା ହେଉଛି ମରାମତି ନା ହେଉଛି ସଫେଇ। ଲକ୍ଷାଧିକ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ଚାଷୀମାନେ କରୁଛନ୍ତି। ଏ ସଂକ୍ରାନ୍ତରେ କାଡା ବିଭାଗ ଜେଇ ସୂର୍ଯ୍ୟ ସ୍ୱାଇଁଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇରେ ପାଣି ପଞ୍ଚାୟତ କାର୍ଯ୍ୟକାରୀ ହେଉ ନ ଥିବାରୁ କାଡା କାର୍ଯ୍ୟରେ ସଫଳତା ମିଳୁନାହିଁ।



ଚାଷ ଜମିକୁ ଯାଇଥିବା କାଡ଼ା ନାଳ ପୋତି ହୋଇଯାଇଛି।

# ପୋଖରୀରେ ବୁଡ଼ି ନାବାଳକ ମୃତ

ରଣପୁର,୧।୮
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ମୁକ୍ତାପୁର ନୂଆସାହି ଗାଁ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଉକ୍ତ ଗାଁର ସୁରେଶ ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ (୮)। ବୁଧବାରଠାରୁ ସୂର୍ଯ୍ୟକାନ୍ତ ନିଖୋଜ ଥିଲେ । ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ । ଗୁରୁବାର ସକାଳୁ ଗାଁ ଲୋକେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ । ଚାନ୍ଦପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ସୂର୍ଯ୍ୟକାନ୍ତ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ବର୍ଷାରେ ପୋଖରୀ ତୁଠ କାଦୁଅ ହୋଇଥିଲା। ଫଳରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ଜଳକୁ ଚାଲିଯାଇଥିବା ଅନୁମାନ କରାଯାଉଛି। ଏନେଇ ଚାନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୨୪)ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ

ରଣପୁର,୧।୮
(ସୁକାନ୍ତ କିଶୋର ଡାକୁଆ)



ବାଚସ୍ପତି ସୁରମା ପାଢ଼ୀ ମୁକ୍ତ ମଞ୍ଚକୁ ଉଦ୍‌ଘାଟନ କରୁଛନ୍ତି।

ନୟାଗଡ଼ ଜିଲା ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ଚରିତ୍ର ଗଠନ କଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ନୟାଗଡ଼ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନୟାଗଡ଼ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ରଣପୁର ବିଡ଼ିଓ ସୁଧୀର କୁମାର ନାୟକ, ରଣପୁର ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା, ସାମାଜିକ କର୍ମୀ ବିଶ୍ୱବିହାରୀ ପଟ୍ଟନାୟକ, ସିଏ ମନୋଜ କୁମାର ମହାପାତ୍ର, ନାଲକୋ ପ୍ରାକ୍ତନ ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ଆୟକର ଅଧିକାରୀ ଭାଗିରଥି ସାହୁ, ପ୍ରତିଷ୍ଠାତା ସଦସ୍ୟ ନାରାୟଣ ପରିଡା, ଶିକ୍ଷାବିତ୍ ଉମାକାନ୍ତ ମହାପାତ୍ର, ଜୟନ୍ତ କୁମାର ପରିଡା, ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହା ପରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ବିଶ୍ୱବିହାରୀ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ମୁକ୍ତ ମଞ୍ଚକୁ ବାଚସ୍ପତି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପ୍ରତାପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମଦନ ମୋହନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଣଜିତ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ୨ ଚୋରା ବାଇକ୍ ଜବତ, ଜଣେ ଗିରଫ

ଭାପୁର,୧।୮ (ଭରତ କୁମାର ବେହେରା )

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ମାତିଛନ୍ତି ବାଇକ୍ ଲୁଟେରା । କିଛିଦିନ ତଳେ ୨ଟି ବାଇକ୍ ଚୋରି ହୋଇଥିଲା । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଥିଲା । ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଭାପୁର ବାଇପାସ ନିକଟରେ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ୨ଟି ଚୋରା ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ ହୋଇଛନ୍ତି।

ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କ ନିର୍ଦ୍ଦେଶରେ ଭାପୁର ବାଇପାସ ନିକଟରେ ଗୁରୁବାର ପୋଲିସ ଗାଡ଼ି ଚେକିଂ କରୁଥିଲା । ବୋଲଗଡ଼ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ବଚନ ନାୟକ ବାଇକ୍ ନେଇ ଭାପୁର ବଜାରରୁ ନିଜ ଗ୍ରାମ କରଡ଼ାପଲ୍ଲୀକୁ ଯାଉଥିଲେ। ପୋଲିସ ତାଙ୍କୁ ଅଟକାଇ ଗାଡ଼ିର ଆବଶ୍ୟକ କାଗଜପତ୍ର ମାଗିଥିଲା। ହେଲେ ବଚନ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ । ଶେଷରେ ତାହା ଚୋରା ବାଇକ୍ ବୋଲି ଜଣାପଡିଥିଲା। ପୋଲିସର ସନ୍ଦେହ ହେବାରୁ ଅଧିକ ପଚରାଉଚରା ପରେ ଆଉ ଗୋଟିଏ ଗାଡ଼ି ଘରେ ରଖି ଥିବା ସେ ସ୍ୱୀକାର କରିଥିଲେ । ପୋଲିସ ବଚନଙ୍କ ଗ୍ରାମକୁ ଯାଇ ଆଉ ଗୋଟିଏ ବାଇକ୍ ଜବତ କରିଛି । ପୂର୍ବରୁ ଏକାଧିକ ବାଇକ୍ ଚୋରି ଘଟଣାରେ ବଚନ ସମ୍ପୃକ୍ତ ଥିବା ସୂଚନା ମିଳିଛି । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହାଇୱା ଚାଳକକୁ ବଟି ମାଗି ଫସିଲେ ପୋଲିସ କନ୍‌ଷ୍ଟେବଲ

ଓଡ଼ଗାଁ,୧।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ଦିଲ୍ଲୁ ନାଏକ ଗତ ୩୦ ତାରିଖ ରାତି ପ୍ରାୟ ୧୧ଟା ସମୟରେ ଓଡ଼ଗାଁ କଲେଜ ସାମ୍ନାରେ ହାଇୱା ଚାଳକଙ୍କୁ ଭୟ ଦେଖାଇ ମାଡ଼ ମାରି ଜୋରଜବରଦସ୍ତ ଟଙ୍କା ଅସୁଲ କରିଥିବା ଅଭିଯୋଗ ହୋଇଛି। ଏନେଇ ହାଇୱା ଚାଳକ କାଲୁ ପ୍ରଧାନ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ଆଇଆଇସି ରଶ୍ମିରଞ୍ଜନ ସାହୁ ଏକ ମାମଲା(ନଂ.୨୨୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁଯାୟୀ, କନ୍‌ଷ୍ଟେବଲ ଦିଲ୍ଲୁ ନାଏକ ମଙ୍ଗଳବାର ରାତି ୧୧ଟା ବେଳେ ଓଡ଼ଗାଁ କଲେଜ ସାମ୍ନାରେ ଡବ୍ଲ୍ୟୁବି୧୮ଏଡି ୯୭୮୩ କାରକୁ ରାସ୍ତାରେ ରଖି ଓଡ଼ଗାଁରୁ କଦଳିବନ୍ଧକୁ ଯାଉଥିବା ଓଡି ୩୨ ବି ୭୯୯୭ ହାଇୱାକୁ ଅଟକାଇ ଥିଲେ। ଚାଳକ ଗାଡ଼ି ଅଟକାଇବାର କାରଣ ପଚାରିବାରୁ ଦିଲ୍ଲୁ ଏବଂ ତାଙ୍କ ସାଥିମାନେ ୫ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଥିବା ଚାଳକ କହିବାରୁ ତାଙ୍କୁ ଲୁହା ରଡରେ ବାଡିଆପିଟା କରିଥିଲେ। ଖବରପାଇ ହାଇୱା ମାଲିକ କୃଷ୍ଣଚନ୍ଦ୍ର ବିଶୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ତାକୁ ମଧ ଦିଲ୍ଲୁ ମାଡ ମାରିବାରୁ ସେ ତଳେ ପଡି ଆହତ ହୋଇଥିଲେ। ଏ ସମ୍ପର୍କରେ କୃଷ୍ଣଚନ୍ଦ୍ର ଓଡ଼ଗାଁ ଥାନାକୁ ଫୋନ କରିବା ପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ଗାଡ଼ି ଚାଳକ କାଲୁ ପ୍ରଧାନ ଏବଂ ଗାଡ଼ି ମାଲିକଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ହାଇୱା ଚାଳକ କାଲୁ ପ୍ରଧାନ ଓଡ଼ଗାଁ ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି। ଓଡ଼ଗାଁ ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ୫୦ ଊର୍ଦ୍ଧ୍ୱ ଚାଳକ କନ୍‌ଷ୍ଟେବଲ ଦିଲ୍ଲୁଙ୍କ ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହିତ ନ୍ୟାୟ ଦାବି କରିଛନ୍ତି । ବୁଧବାର ଅପରାହ୍ନରେ ଅତିରିକ୍ତ ଏସ୍‌ପି ସନାତନ କାଲୁ, ଏସ୍‌ଡିପିଓ ସୁଧାକର ସାହୁ ଏବଂ ଆଇଆଇସି ରଶ୍ମିରଞ୍ଜନ ସାହୁ ତଦନ୍ତ କରିବାକୁ ଯାଇ ଚାଳକ, ମାଲିକ ଏବଂ ସାକ୍ଷୀମାନଙ୍କୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ କହିଛନ୍ତି। ହେଲେ କନଷ୍ଟେବଳ ଦିଲ୍ଲୁ ଛୁଟିରେ ଥାଇ ଏହି ଭଳି କାଣ୍ଡ ଭିଆଇଥିବା କାରଣରୁ ଆଇଆଇସି ସାହୁ ଏହାକୁ ନିନ୍ଦା କରିଛନ୍ତି ।



ହାଇୱାକୁ ଅଟକାଇଥିବା କନ୍‌ଷ୍ଟେବଲ।

# ଖଣ୍ଡପଡ଼ାରେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୧।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗି ରହିଛି । ଫଳରେ ପ୍ରାଣୀମାନଙ୍କ ଚିକିତ୍ସା ବ୍ୟବସ୍ଥାରେ ସମସ୍ୟା ସୃଷ୍ଟି ହୋଇଛି । ଏହାକୁ ନେଇ ସାଧରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ କାର୍ଯ୍ୟରତ ଜଣେ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନାମରେ ଖଣ୍ଡପଡ଼ା ଥାନାରେ ଯୌନ ନିର୍ଯାତନା ମାମଲା ରୁଜୁ ପରଠାରୁ ସେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯାଇଛନ୍ତି । ସେଥିପାଇଁ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ପରିଚାଳିତ ହେଉଛି। କେତେବେଳେ ପ୍ରାଣୀ ଚିକିତ୍ସାଳୟ ଖୋଲୁଛି ତ ପୁଣି କେତେବେଳେ ମୁଖ୍ୟ ଫାଟକରେ ତାଲା ଝୁଲୁଛି । ସଂପ୍ରତି ବର୍ଷା ଋତୁରେ ଗୃହପାଳିତ ପଶୁମାନେ ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ଚିକିତ୍ସାଳୟକୁ ଆସୁଛନ୍ତି । ହେଲେ ସେବା ନ ପାଇ ଫେରୁଛନ୍ତି । ଖଣ୍ଡପଡ଼ା ଅଞ୍ଚଳର ଗୋପାଳକ ଓ ପଶୁ ପାଳକମାନେ ବିଭିନ୍ନ ସମୟରେ ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ପାଇଁ ପ୍ରାଣୀ ଚିକିତ୍ସାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି । ଏ ସମ୍ପର୍କରେ ନୟାଗଡ଼ ଜିଲା ପ୍ରାଣୀ ସମ୍ପଦ ବିଭାଗ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶୁକ୍ରବାରଠାରୁ କଣ୍ଟିଲୋ ପ୍ରାଣୀ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀଙ୍କୁ ଖଣ୍ଡପଡ଼ାରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି।

# ବନ ବିଭାଗ ଚଢ଼ାଉ, କାଠ ଜବତ



ଖଣ୍ଡପଡ଼ା,୧।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବ ଚୌଧୁରୀ ପାଟଣା ଗ୍ରାମରେ ବନ ବିଭାଗ କର୍ମଚାରୀମାନେ ଗୁରୁବାର ଅଚାନକ ଚଢାଉ କରି ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଗଚ୍ଛିତ ଥିବା ବହୁ ପରିମାଣର ଶାଳ ଓ ଶାଗୁଆନ କାଠ ଜବତ କରିଛନ୍ତି । ନୟାଗଡ଼ ଏସିଏଫ୍ ହିମାନୀ ନାୟକ ଓ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବନପାଳ ସନାତନ ସ୍ୱାଇଁ, କୈଳାସ ପ୍ରଧାନ, ବନମାଳୀ ରାଉତ, ବିଜୟ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉ ଅଭିଯାନରେ ସାମିଲ ହୋଇଥିଲେ। ବନ ବିଭାଗ ଦ୍ୱାରା ଜବତ କାଠ ଖଣ୍ଡପଡ଼ା ବିଟ୍ ହାଉସକୁ ପଠାଯାଇଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ହାସିମ୍



@ ରମେଶ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସରକାରୀ ଡାକ୍ତର, ଘରୋଇ ହସ୍ପିଟାଲ ମାଲିକ ଗିରଫ

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟଣା

## ଥାନାରେ ରୁଜୁ ହେଲା ମାମଲା

ନୟାଗଡ଼/ରଣପୁର,୧।୮
(ଲୋକନାଥ ମିଶ୍ର/ସୁକାନ୍ତ କୁମାର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନାର ଚାନ୍ଦପୁରସ୍ଥିତ ରାମଚଣ୍ଡୀ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଙ୍କିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ପ୍ରତିମା ସାମନ୍ତରାୟ(୪୭) ମୃତ୍ୟୁ ଘଟଣା ବିବାଦୀୟ ହୋଇ ପଡିଛି । ଏହି ଘଟଣାରେ ଚାନ୍ଦପୁର ଥାନା ପୋଲିସ ମୃତକଙ୍କ ସ୍ୱାମୀ ଦିଲୀପ କୁମାର ସାମନ୍ତରାୟଙ୍କ ବୁଧବାର ଅଭିଯୋଗକୁ ଭିତ୍ତି କରି ଭାରତୀୟ ନ୍ୟାୟ ସଂହିତାର ୧୦୬, ୩୫୧(୨), ୩(୫) ଦଫାରେ ୧୩୭/୨୪ରେ ମାମଲା ରଜୁ କରିଛି । ଏହି ଘଟଣାରେ ଅସ୍ତ୍ରୋପଚାର କରୁଥିବା ଡାକ୍ତର ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସତ୍ୟ ରଞ୍ଜନ ନନ୍ଦ ଓ ହସ୍ପିଟାଲ ମାଲିକ ଦିଲୀପ ସାହୁଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଦିଲୀପ ସାମନ୍ତରାୟଙ୍କ ସ୍ତ୍ରୀ ପ୍ରତିମା (୪୭)ଙ୍କର ଗର୍ଭାଶୟରେ ରକ୍ତସ୍ରାବ ହେଉଥିଲା । ସୁସ୍ଥ ନ ହେବାରୁ ଅସ୍ତ୍ରୋପଚାର ପାଇଁ ଚାନ୍ଦପୁରସ୍ଥିତ ରାମଚଣ୍ଡୀ ହସ୍ପିଟାଲରେ ମଙ୍ଗଳବାର ଭର୍ତ୍ତି ହୋଇଥିଲେ। ବିଏସ୍‌କେୱାଇ କାର୍ଡରେ ଅସ୍ତ୍ରୋପଚାର ବୁଧବାର ସକାଳ ୭ଟାରେ କରାଯିବାକୁ ଠିକ ହୋଇଥିଲା । ତେବେ ମାଲିକ ବୁଧବାର ଭୋର ୫.୪୦ରେ ବହୁ ପୂର୍ବରୁ ଓଟିକୁ ନେଇ ଅପରେଶନ କରାଇଥିଲେ। ସକାଳ ୭.୫୦ରେ ଅପରେଶନ ଶେଷ କରି ବେଡ୍‌ରେ ଶୁଆଇ ଥିଲେ । ତେବେ ଅସ୍ତ୍ରୋପଚାର ଠିକରେ ହୋଇ ନ ଥିବାରୁ ପ୍ରତିମା ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଡାକ୍ତର ଓ ମାଲିକଙ୍କୁ ଚିକିତ୍ସା ପାଇଁ ବାରମ୍ବାର ନେହୁରା ପରେ ବି ସୁଫଳ ମିଳି ନ ଥିଲା। ଏଭଳିସ୍ଥଳେ ପ୍ରତିମା ଛଟପଟ ହୋଇ ବୁଧବାର ଅପରାହ୍ନ ୫ଟାରେ ପ୍ରାଣ ହରାଇଲେ। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଚାରାରୋପଣ, ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ନୟାଗଡ଼,୧।୮ (ଲୋକନାଥ ମିଶ୍ର)

ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ଫର୍ ପିସ୍ ଆଣ୍ଡ ଡେଭଲପମେଣ୍ଟ, ଇଟାମାଟି, ଏବଂ ମାସିକ ହାସ୍ୟ ବ୍ୟଙ୍ଗ ପତ୍ରିକା 'ବ୍ୟଙ୍ଗ କଲମ' ନୟାଗଡ଼ଙ୍କ ଆନୁକୂଲ୍ୟରେ ଜିଲା ବ୍ୟାପୀ ଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ନୟାଗଡ଼ ବ୍ଲକ ଅନ୍ତର୍ଗତ ମୁଆଗାଡ଼ିଆ ଗ୍ରାମ ପଞ୍ଚାୟତର ମୁକ୍ତାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଶାଳଭଞ୍ଜଠାକୁରାଣୀଙ୍କ ପୀଠରୁ ଶୁଭାରମ୍ଭ ହୋଇଛି। ନୟାଗଡ଼ ବ୍ଲକର ମୁକ୍ତାପୁର, ମୁଆଗାଡ଼ିଆ ଓ କାଲୁଆପଲ୍ଲୀ ଗ୍ରାମରେ ପ୍ରତି ଘରକୁ ଘର ଯାଇ ଚାରା ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ସେବାଦଳ ମୁଖ୍ୟ ସଂଗଠକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଚାରା ରୋପଣ ଓ ବଣ୍ଟନ ସହ ଗଛର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ଶିକ୍ଷାବିତ୍ କୈଳାସ ବାଣ୍ଟ, ବିନୋଦିନୀ ମହାନ୍ତି, ଦିନେଶ ମହାପାତ୍ର, ସନ୍ତୋଷ ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ସାହୁ, ବ୍ୟଙ୍ଗ କଲମ ସମ୍ପାଦକ ତଥା ଅଭିନେତା ରବୀନ୍ଦ୍ର ରାଉତ, ଅମିତା ପ୍ରଧାନ, ଶରତ କୁମାର ଦାସ, ବୁଲା ବାରିକ, ଶତ୍ରୁଘ୍ନ ସାହୁ, ଦୁର୍ଯ୍ୟୋଧନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ବିମଳ କୁମାର ଦାଶ, ପ୍ରଫୁଲ୍ଲ କୁମାର ବେହେରା,ଛାତ୍ରନେତା ଜ୍ୟୋତି ରଞ୍ଜନ ଦାଶ, ଏବଂ ଶ୍ରୀତମ କୁମାର ପ୍ରଧାନ, ରାଜେଶ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ନୂଆଗାଁ,୧।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଯୁଧିଷ୍ଠିର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୦୨୧ରେ ନୂଆଗାଁ ବ୍ଲକରେ ଯୋଗ ଦେଇ ପ୍ରାୟ ୩ ବର୍ଷଧରି କାର୍ଯ୍ୟ କରିଆସୁଥିଲେ। ନୂଆଗାଁ ବ୍ଲକ ପରିସରରେ ଥିବା ସଭାଗୃହେ ନାୟକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ନୂଆଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା, କନିଷ୍ଠ ଯନ୍ତ୍ରୀ ନେତ୍ର ରଞ୍ଜନ ମିଶ୍ର, ପଞ୍ଚାନନ ବିଶୋଇ, ଉମେଶ କୁମାର ମହାପାତ୍ର, ସରୋଜିନୀ ବେହେରା, ଦୀପକ ରଞ୍ଜନ ରାଉତ, ବସନ୍ତ କୁମାର ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲାଲାବାହାଦୂର ରଞ୍ଜିତ, ସିପି ତୁଷାରକାନ୍ତ ପାଣିଗ୍ରାହୀ, ଡବ୍ଲ୍ୟୁଇଓ ଯଜ୍ଞେଶ୍ୱର ନାୟକ, ବିପିଏମ୍ ସସ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକ ନ ଥିବାରୁ କମ୍ପ୍ୟୁଟର ଶିକ୍ଷା ବନ୍ଦ

ଶରଣକୁଳ,୧।୮ (ଦୀପକ କର)

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମିଳିପାରୁନି କମ୍ପ୍ୟୁଟର ଶିକ୍ଷା । ଶିକ୍ଷକଙ୍କ ଅଭାବ ଯୋଗୁ ଏହି ସମସ୍ୟା ଗୁରୁତର ରୂପ ନେଇଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ କମ୍ପ୍ୟୁଟର କିଣି ବିଭିନ୍ନ ସ୍କୁଲକୁ ଯୋଗାଇ ଦିଆଯାଉଛି। ହେଲେ ଛାତ୍ରୀଛାତ୍ରଙ୍କୁ ଏହାର ସୁଫଳ ପାଉ ନାହାନ୍ତି ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି । ଏକାଧିକ ବିଦ୍ୟାଳୟରେ କମ୍ପ୍ୟୁଟରଗୁଡ଼ିକ ବ୍ୟବହାର ନ ହୋଇ ଖତ ଖାଉଛି । ଅବହେଳିତ ଭାବେ ପଡିଥିବା କମ୍ପ୍ୟୁଟରଗୁଡ଼ିକ କେଉଁଠି ମୂଷା କାଟି ନଷ୍ଟ କଲାଣି ତ ପୁଣି କେଉଁଟି ସେସବୁ ଅଚଳ ହୋଇପଡିଛି ।

ସୂଚନା ଅନୁଯାୟୀ, ପାଠପଢା ସହ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ୨୦୧୦ରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ 'କାଲ୍' ଯୋଜନାରେ ବିଭିନ୍ନ ଉଚ୍ଚ ପ୍ରାଥମିକ (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ବିଦ୍ୟାଳୟକୁ ୫ଟି ଲେଖାଏ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ଜଣେ ଲେଖାଏ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । କିଛିବର୍ଷ ଧରି ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯାଇଥିଲା । ହେଲେ କୌଣସି କାରଣରୁ ତାହାକୁ ବନ୍ଦ କରି ଦିଆଗଲା । ଏବେ ଅଧିକାଂଶ ବିଦ୍ୟାଳୟରୁ ସେସବୁ କମ୍ପ୍ୟୁଟର ଉଭାନ ହୋଇଯାଇଛି । ଆଉ କେତେକ ବିଦ୍ୟାଳୟରେ ସେ ସବୁ ପଡିରହି ଖତ ଖାଉଛି । ପରବର୍ତ୍ତୀ ସମୟରେ 'ଆଇସିଟି' ଯୋଜନା ମାଧ୍ୟମରେ ବ୍ଲକର ଉଚ୍ଚ ବିଦ୍ୟାଳୟଗୁଡିକୁ ୧୦ଟି ଲେଖାଏଁ କମ୍ପ୍ୟୁଟର ସହ ପ୍ରିଣ୍ଟର ଏବଂ ଏଲସିଡି ଯୋଗାଇ ଦିଆଗଲା। ଛାତ୍ରୀଛାତ୍ରଙ୍କୁ ୨୦୧୪ରୁ ୫ବର୍ଷ ପାଇଁ ଜଣେ ଲେଖାଏ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ୫ବର୍ଷ ଶିକ୍ଷାଦାନ କରିବା ପରେ ସେମାନଙ୍କୁ ଛଟେଇ କରିଦିଆଯାଇଛି । ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନୂତନ ଶୈଳୀରେ ପାଠ ପଢାଇବା ପାଇଁ ୫-ଟି ଯୋଜନା ପ୍ରସ୍ତୁତ କରାଯାଇଥିଲା । କମ୍ପ୍ୟୁଟର ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ୧୦ଟି ଲେଖାଏଁ କମ୍ପ୍ୟୁଟର ପ୍ରତି ସ୍କୁଲକୁ ଯୋଗାଇ ଦିଆଯାଇଛି । ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ କେତେଜଣ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ହେଲେ ଏବେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉ ନ ଥିବା ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅଭିଯୋଗ ହେଉଛି । ଏସବୁ ମଧ୍ୟରେ 'ଆଇସିଟି' ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଇଥିବା କମ୍ପ୍ୟୁଟରଗୁଡ଼ିକର ରକ୍ଷାଣବେକ୍ଷଣ ବାବଦକୁ ୭୫ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ଏତେ ସବୁ ବ୍ୟବସ୍ଥା ପରେ ବି ଶିକ୍ଷକଙ୍କ ଅଭାବରୁ ତାହା ସବୁ ଫସର ଫାଟିଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

ଏସମ୍ପର୍କରେ ନୟାଗଡ଼ ଜିଲା ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କୁ ପଚାରିବାରେ ସେ କହିଥିଲେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନ ଥିବାରୁ କମ୍ପ୍ୟୁଟର ଶିକ୍ଷାଦାନ କରିବାରେ ଅସୁବିଧା ହେଉଛି । ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

